## ଓୟୁଜେ ପକ୍ଷରୁ 'ଗଣମାଧ୍ୟମରେ ଆଧ୍ୟାତ୍ମିକତା' କର୍ମଶାଳା



ବାଲେଶ୍ୱର, ୧୮ ।୨(ସମିସ): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ 'ଗଣମାଧ୍ୟମରେ ଆଧ୍ୟାତ୍ମିକତା' ଶୀର୍ଷକ ଏକ ଆଲୋଚନାଚକ୍ର ଆଜି ବାଲେଶ୍ୱର ଜିଲ୍ଲାର ଡଗରପଡ଼ାସ୍ଥିତ ବିବେକଭାରତୀ ସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଅଦ୍ୱୟାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ଆଧ୍ୟାତ୍ମିକତାର ସ୍ଥିତି ଅବସ୍ଥିତି ଉପରେ ପ୍ରଶ୍ନ ଉଠୁଥିବାରୁ ଧାର୍ମିକ ଭାବନା ଓ ଚିନ୍ତାଧାରା ଉପରେ ପ୍ରଭାବ ପଡୁଛି ବୋଲି କହିଥିଲେ। ବିଜ୍ଞାନ ଓ ଆଧ୍ୟାତ୍ମିକତା ପରସ୍ପର ବିପରିତ। ଗୋଟିଏ ସତ୍ୟ ଉପରେ ପର୍ଯ୍ୟବେସିତ ହୋଇଥିବା ବେଳେ ଅନ୍ୟଟି ବିଶ୍ୱାସ ଉପରେ ଆଧାରିତ। ସେବା, ତ୍ୟାଗ, ଦାନ, ଧର୍ମ, ପୂଜା ପଦ୍ଧତି, ସ୍ନେହ, ମମତା, ଭଲପାଇବା, ନୈତିକ ଶିକ୍ଷା, ଭକ୍ତି ଭାବନା ସହନଶୀଳତା, ଧୈର୍ଯ୍ୟ, ଧାରଣା ଶକ୍ତି, ଈଶ୍ୱର ବିଶ୍ୱାସ ଏସବୁ ଆଧ୍ୟାତ୍ମିକତା। ସାମ୍ବାଦିକମାନେ ହେଉଛନ୍ତି ସତ୍ୟର ଆଖି ସଦୃଶ। ଆଖି ଯାହା ଦେଖେ ତାହାହିଁ ସତ୍ୟ। ସାମ୍ବାଦିକମାନେ ଭଲ କଥାକୁ ଅଧିକ ପ୍ରାଧାନ୍ୟ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସଂଘର ସଭାପତି ଗଙ୍ଗାଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱାମୀ ଜନ ତିର୍ଥାନନ୍ଦ, ସ୍ୱାମୀ ଗଣେଶାନନ୍ଦପୁରୀ, ରାଜେନ୍ଦ୍ର ପଡ଼ିଆରୀ, ସଂଘର ବରିଷ୍ଠ ସଦସ୍ୟ ଶିଶିର ଦାସ, ଚନ୍ଦ୍ର ମୋହନ ମହାପାତ୍ର ଉତ୍କଳବନ୍ଧୁ ପଣ୍ଡା, ଅରୂପ ଦାସ, ସୋମନାଥ ସାହୁ, ରମାକାନ୍ତ ପଣ୍ଡା, କହ୍ନେଇ ଚରଣ ପ୍ରଧାନ, ତପୋଧନ ବାରିକ, ସଞ୍ଜୟ ବେହେରା, ଆଲୋକ ପଣ୍ଡା, ନରେନ୍ଦ୍ର ବେହେରା, ବିଶ୍ୱ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍କଳ ବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

## ଆଧୁନିକୀକରଣ ସହ ଉତ୍ତମ ଗ୍ରାହକ ସେବା ଉପରେ ଗୁରୁତ୍ୱ

ବାଲେଶ୍ୱର, ୧୮ ।୨(ସମିସ):

ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ବ୍ରିଟ୍ କଲ୍ୟାଣମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ସୂର୍ଯ୍ୟକାନ୍ତ କର ଏଥିରେ ସଭାପତିତ୍ୱ କରିବା ସହିତ ବ୍ୟାଙ୍କର ଅଭିବୃଦ୍ଧିରେ ସମସ୍ତଙ୍କ ସହଯୋଗ ଲୋଡି ଥିଲେ। ବ୍ୟାଙ୍କର ନେଣଦେଣ କ୍ଷେତ୍ରରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଆଧୁନିକୀକରଣ ବ୍ୟବସ୍ଥା ସମ୍ପର୍କରେ ସଭାପତି ଶ୍ରୀ କର ସୂଚନା ଦେଇଥିଲେ।




୨୦୨୨-୨୩ ଆର୍ଥିକ ବର୍ଷରେ ୮୦କୋଟି ୬୩ଲକ୍ଷ ଟଙ୍କା ଜମା ସଂଗ୍ରହ ଓ ୩୧କୋଟି ୮୧ଲକ୍ଷ ଟଙ୍କ ଋଣ ପ୍ରଦାନ ମାଧ୍ୟମରେ ବ୍ୟାଙ୍କ ଲାଭରେ ରହିଥିବା ସେ କହିଥିଲେ। ଜମା ତୁଳନାରେ ଋଣ ପ୍ରଦାନକୁ ୭୦ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି, ଅନାଦେୟ ଋଣ ଆଦାୟ, ବ୍ୟାଙ୍କର ନିଜସ୍ୱ ଗୃହ ନିର୍ମାଣ ଏବଂ ବ୍ୟାଙ୍କ ମାଧ୍ୟମରେ ସାମାଜିକ ଦାୟିତ୍ୱ ନିର୍ବାହ ପ୍ରଭୃତି ବିଷୟରେ ସଦସ୍ୟଙ୍କ ମତାମତକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସେ ଆଲୋଚନା କରିଥିଲେ। ବ୍ୟାଙ୍କ ଅଂଶୀଦାରମାନଙ୍କୁ ୯ ପ୍ରତିଶତ ସୁଧ ପ୍ରଦାନରେ ସକ୍ଷମ ହୋଇଥିବା ବେଳେ ଜାତୀୟକରଣ ବ୍ୟାଙ୍କ ସହି ତୁଳାନାତ୍ମକ ଭାବେ ଋଣରେ କମ ସୁଧ ନେଉଥିବା ସେ କହିଥିଲେ। ୨୦୨୩ ମସିହାରେ ପାଳିତ ୭୦ତମ ସମବାୟ ସପ୍ତାହରେ ରାଜ୍ୟର ଦ୍ୱିତୀୟ ଶ୍ରେଷ୍ଠ ଅର୍ବାନ ବ୍ୟାଙ୍କ ଭାବେ ପୁରସ୍କୃତ ହେବା ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ପାଇଁ ଗୌରବର ବିଷୟ। ଚଳିତବର୍ଷ ମାର୍ଚ୍ଚ ମାସ ସୁଦ୍ଧା ବ୍ୟାଙ୍କରେ ଲକର ସୁବିଧା ମିଳିବ ବୋଲି ଶ୍ରୀ କର ସୂଚନା ଦେଇଥିଲେ। ଏହା ସହିତ ସାମ୍ପ୍ରତିକ ପରିବର୍ତ୍ତିତ ବ୍ୟାଙ୍କିଂ ନିୟମକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଅନ୍ୟଏକ ସାଧାରଣ ପରିଷଦ ବୈଠକ ଆୟୋଜନ ସହିତ ବ୍ୟାଙ୍କର ମୂଳ ନିୟମ ପରିବର୍ତ୍ତନ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏହାଛଡା ଚଳିତ ବର୍ଷ ଶେଷ ସୁଦ୍ଧା ଲକର ସୁବିଧା ଶୁଭାରମ୍ଭ ହେବ। ବ୍ୟାଙ୍କ ପରିଚାଳନା ପରିଷଦର ସଦସ୍ୟ ଦୁକୁଲୁ ଚନ୍ଦ୍ର ଘଡ଼େଇ, ମନୋଜ ରାଉତ, ହରେନ ଚନ୍ଦ୍ର ରଣା, ଅତୁଲ ଶତପଥୀ, ଉତ୍ପଳ ମହାନ୍ତି, ଜୟପ୍ରକାଶ ଦାଶ, ଲୋକନାଥ ରଣା, ଶ୍ରୀମନ୍ତ ମାଝୀ, ସଦସ୍ୟା ସୁସ୍ମିତା ନାୟକ, ହୁରମାତୁନ ବିବି ଓ ରଶ୍ମି ଦାସ ପ୍ରମୁଖ ଏଥିରେ ଯୋଗଦେଇ ବ୍ୟାଙ୍କ ପରିଚାଳନାରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଏହି ଅବସରରେ ଆସନ୍ତା ୨୦୨୪-୨୫ଆର୍ଥିକ ବର୍ଷ ପାଇଁ ଯୋଜନା, ପ୍ରୋଗ୍ରାମ ଓ ବଜେଟକୁ ଅନୁମୋଦନ କରାଯାଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜୀବକାନ୍ତ ବେହୁରା ବିଭିନ୍ନ ତଥ୍ୟ ଉପସ୍ଥାପନ ସହ ପରିଷଦ କର୍ମକର୍ତ୍ତା ଓ ସଦସ୍ୟଙ୍କ ପ୍ରଶ୍ନର ଉତର ଦେଇଥିଲେ। ଶେଷରେ ଉପ ସଭାପତି ନିଶାମଣି ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ବ୍ୟାଙ୍କର ପ୍ରତ୍ୟେକ କର୍ମଚାରୀ, ଦୈନିକ କମା ସଂଗ୍ରହକାରୀମାନଙ୍କୁ କୃତଜ୍ଞତା ପ୍ରଦାନ କରାଯାଇଛି।

## 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ବାଲେଶ୍ୱର, ୧୮।୨(ସମିସ): କରଞ୍ଜିଆ ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ କରଞ୍ଜିଆ ବିଜେଡି ସଭାପତି ସମ୍ବିତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଜିଲ୍ଲା ପରିଷଦ ସଭ୍ୟା କବିତା ପାଣି, କରଞ୍ଜିଆ ସରପଞ୍ଚ ମୁକୁନ୍ଦ ଭାରତୀ, କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀ, ଦହପଡ଼ା ସରପଞ୍ଚ ପ୍ରଣତି ଜେନା, ମଙ୍ଗଳପୁର ସରପଞ୍ଚ ରାମଚନ୍ଦ୍ର ଦାସ, ସମିତି ସଭ୍ୟା ମାଳତୀ ମହାଳିକ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ତଥା ଲୋକାଭିମୁଖୀ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ



କାର୍ଯ୍ୟକ୍ରମ, ମିଶନ ଶକ୍ତି ମାଆ ମାନଙ୍କ ତରଫରୁ ପିଠା ପ୍ରତିଯୋଗିତା, ଖାଦ୍ୟ ସାମଗ୍ରୀର ଷ୍ଟଲ ମାନ ବସିଥିବା ବେଳେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବହୁ ବ୍ୟକ୍ତି ବିଶେଷଙ୍କ ସମେତ କରୋନା ଯୋଦ୍ଧା ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ମିଶନ ଶକ୍ତି ମାଆମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ନାଏବ ସରପଞ୍ଚ ଜିତେନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ତାପମାତ୍ରା ହ୍ରାସ ପାଇଁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୧୮।୨(ସମିସ): ବର୍ଦ୍ଧିତ ତାପମାତ୍ରାରେ ବିଶ୍ୱବାସୀ ପ୍ରଭାବିତ। ଏହା ଆମ ଜୀବନ ଯାତ୍ରାକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ କୃଷି ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଏହି ବର୍ଦ୍ଧିତ ତାପମାତ୍ରା ବର୍ତ୍ତମାନ ଗ୍ରୀଷ୍ମ ତରଙ୍ଗ ଭାବେ ବିଶ୍ୱର ଅନେକ ଦେଶରେ ପ୍ରବାହିତକ୍ଷ ବିଶ୍ୱର ୧୧୦ ଦେଶରେ ଗ୍ରୀଷ୍ମ ଋତୁରେ ସମୟ ସୀମା ବଢ଼ି ଚାଲିଛି। ଏଣୁ ସମସ୍ତେ ଜୀବାସ୍ମ ଇନ୍ଧନ ବ୍ୟବହାର ବନ୍ଦ କରି ସବୁଜଶକ୍ତିର ବ୍ୟାପକ ବ୍ୟବହାର କରିବା ପାଇଁ ଯତ୍ନବାନ ହେବା ଉଚିତ। ପାଣିପାଗ ବିଶେଷଜ୍ଞ ଅନୁସାରେ ଏ ବର୍ଷ ଏଲ ଲି-ନୋ ପ୍ରଭାବରେ ପୃଥିବୀର ତାପମାତ୍ରା ବଢ଼ିବା ସଙ୍ଗେ ସଙ୍ଗେ ହଠାତ ବଡ଼ ବଡ଼ ବନ୍ୟା ଭଳି ବିପଦ ଦେଖା ଦେବ। ବିଶ୍ୱର ବର୍ଦ୍ଧିତ ତାପମାତ୍ରା ପାଇଁ ବିଶ୍ୱର ନେତୃମଣ୍ଡଳୀ ଅନେକ କାର୍ଯ୍ୟକ୍ରମ ଘୋଷଣା କରିଥିଲେ ମଧ୍ୟ ସେଭଳି ସୁଫଳ ମିଳିପାରି ନାହିଁ।




ଏହାକୁ ଦୃଷ୍ଟିରେ ରଖି ତୃଣମୂଳ ସ୍ତରରେ ଲୋକଙ୍କୁ ସଚେତନ କରିବା ପାଇଁ ମୁନ୍ କମ୍ୟୁନିକେସନ ତରଫରୁ ଏକ ନିଆରା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ସାଇକେଲ ଶୋଭାଯାତ୍ରା ସହ ପଥପ୍ରାନ୍ତ ବ୍ୟାନର ପ୍ରଦର୍ଶନ କାର୍ଯ୍ୟକ୍ରମ ହିଡିଗାଁ, ଗୁଡୁ, ରଣସାହି ଗ୍ରାମରେ ଆରମ୍ଭ ହୋଇଛି। ବ୍ୟାପକ ବୃକ୍ଷରୋପଣ, ସବୁଜ ଶକ୍ତିର ବ୍ୟବହାର ପାଇଁ ନିବେଦନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ମୁରଲୀଧର ମହାନ୍ତି, ଜଳଧର ବେହେରା, କୈଳାସ ଚନ୍ଦ୍ର ମଲିକ, ଜିତେନ୍ଦ୍ର ଦାସ, କରୁଣାକର ଜେନା ସହଯୋଗ କରିଥିଲେ।

## ଚଳଚ୍ଚିତ୍ର ଅଭିନେତା ଚକ୍ରଧର ଜେନାଙ୍କ ସ୍ମୃତିସଭା



ବାଲେଶ୍ୱର, ୧୮।୨(ସମିସ): ବାଲେଶ୍ୱରରେ ଜନ୍ମିତ ଦିବଙ୍ଗତ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ଚକ୍ରଧର ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଦିନ ବାଲେଶ୍ୱର କଳାକାର ସଙ୍ଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କବି ଶ୍ରୀଦେବ ଏହି ସଭାରେ ସଭାପତିତ୍ୱ କରି ଚକ୍ରଧର ଜେନାଙ୍କ ସହ ଛୋଟ ଘଟଣାରୁ କିପରି ତାଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା ସେ ବାବଦରେ କହିଥିଲେ। ନାଟ୍ୟକାର କୈଳାସ ଚନ୍ଦ୍ର ଦାସ ଚକ୍ରଧରଙ୍କୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ନିର୍ଦ୍ଦେଶକ ମାଧବ ପରିଡ଼ା, ଅଭିନେତା ରାଜେନ୍ଦ୍ର ରାଉତ ଓ ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ ମଞ୍ଚାସୀନ ରହି ଚକ୍ରଧରଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ସଂଘର୍ଷ, ଚଳଚ୍ଚିତ୍ର ଜୀବନର ସଫଳତା ବାବଦରେ କହିଥିଲେ। ସେ ସମସ୍ତଙ୍କୁ ସବୁବେଳେ ଶୀର୍ଷରେ ପହଞ୍ଚିବା ପାଇଁ ଉପଦେଶ ଦେଉଥିଲେ ବୋଲି କହିଥିଲେ। ତେଣୁ ଏପରି ଜଣେ ବ୍ୟକ୍ତିତ୍ୱଙ୍କୁ ହରାଇ ବାଲେଶ୍ୱର ତଥା ଓଡ଼ିଶା ମାଟିରେ ଅପୂରଣୀୟ କ୍ଷତି ଘଟିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୀତିକାର ମନୋରଞ୍ଜନ ଦାସ, ବିଜୟ ମହାକୁଡ଼, ବଜ୍ର ଷଡ଼ଙ୍ଗୀ, ମନୋଜ ଦାସ, ଅଜୟ ନାୟକ, ପ୍ରମୋଦ ଦାସ, ବିସୁ ବାଦସାହା, କୁନାଲ, କାବୁଲି, ସୁବାଷ ସିଂ, ରାମ ପାଢ଼ୀ, ଦେବବ୍ରତ ପ୍ରଧାନ, ରାଜେଶ ଗିରି, ଦେବସୂର୍ଯ୍ୟ ନାୟକ ପ୍ରମୁଖ ଶୋକସଭାରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଚକ୍ରଧର ଜେନାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ବରିଷ୍ଠ ନାଟ୍ୟକାର ଡ. ନନ୍ଦଦୁଲାଲ ଘୋଡାଇଙ୍କ ଆରୋଗ୍ୟ କାମନା ପାଇଁ ରାଜା ବଗିଚାସ୍ଥିତ ରାଧାକୃଷ୍ଣ ମନ୍ଦିରରେ ପୂଜାର୍ଚ୍ଚନା କରି ଦୀପ ଜାଳି ସମସ୍ତେ ଶ୍ରୀଘ୍ର ସୁସ୍ଥ ପାଇଁ କାମନା କରିଥିଲେ।

## ବିଜେଡି ପକ୍ଷରୁ ବାଲିଆପାଳ ବ୍ଲକ୍ ନିର୍ବାଚନ ପରିଚାଳନା କମିଟି ଗଠିତ

ବାଲେଶ୍ୱର/ବାଲିଆପାଳ, ୧୮।୨(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟେକ ରାଜନୈତିକ ଦଳ ନିଜ ନିଜର ରଣନୀତି ପ୍ରସ୍ତୁତି କରୁଛନ୍ତି। ଏହି କ୍ରମରେ ବାଲିଆପାଳ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଆସନ୍ତା ନିର୍ବାଚନକୁ ସୁପରିଚାଳନା ପାଇଁ ଏକ ଜୋନସ୍ତରୀୟ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ବାଲିଆପାଳ ବ୍ଲକର ଚାରିଗୋଟି ଜିଲ୍ଲା ପରିଷଦ ଜୋନ୍ ପାଇଁ କମିଟି ଘୋଷଣା କରାଯାଇଥିଲା। ୨୧ ନମ୍ବର ଜୋନ୍ ପାଇଁ ଦେବ କୁମାର ଦେ, ସୁନିଲ କୁମାର ଜେନା, ମନ୍ମଥ କୁମାର ମାଣିକ, ମୃତ୍ୟୁଞ୍ଜୟ ନାୟକ, ଶରତ ଚନ୍ଦ୍ର



ପ୍ରଧାନ, ୨୨ ନମ୍ବର ଜୋନ୍ ପାଇଁ ଚକ୍ରଧର ଗିରି, ନିଶାକର ସେଠୀ, ଅଜୟ କୁମାର ସାମଲ, ୨୩ ନମ୍ବର ଜୋନ୍ ପାଇଁ ଅଜୟ ପାତ୍ର, ବେଣୁଧର ଜେନା, ଭାସ୍କର ଚନ୍ଦ୍ର ସାହୁ, ନବୀନ ପାତ୍ର, ବସନ୍ତ କୁମାର ମହାନ୍ତି ଏବଂ ୨୪ ନମ୍ବର ଜୋନ୍ ପାଇଁ ମନ୍ମଥ କୁମାର ଗିରି, ସତ୍ୟାନନ୍ଦ ମହାନ୍ତି, ବେଣୁଧର ମଣ୍ଡଳ, ରତ୍ନାକର ନାୟକ, ସାର୍ଥକ ରଣଜିତ୍ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଞ୍ଜିତ କୁମାର ମହାପାତ୍ର ଓ ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ସିମନ ଦାସମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ମାନବ ଉତ୍ଥାନ ସେବା ସମିତି ପକ୍ଷରୁ ସତ୍‌ସଙ୍ଗ ସମାରୋହ



ବାଲେଶ୍ୱର, ୧୮।୨(ସମିସ): ଜିଲ୍ଲା ଶାଖା ମାନବ ଉତ୍ଥାନ ସେବା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଟାଉନହଲ୍ ପରିସରରେ ସତସଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିକ୍ରମାରେ ବାଲେଶ୍ୱର ସଦର ବିଧାୟକ ସ୍ୱରୁପ କୁମାର ଦାସ ଶ୍ରୀ ସତ୍ ପାଲ ଜୀ ମହାରାଜଙ୍କ ନିକଟରେ ମାଲ୍ୟାର୍ପଣ କରିଥିବାବେଳେ ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ମ୍ୟୁନିସିପାଲିଟି ଚେୟାରମ୍ୟାନ ସବିତା ସାହୁ ପତାକା ଦେଖାଇ ରାଲିର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବ ନେତା ରେମୁଣା ବ୍ଲକର ଚନ୍ଦନ ମଲ୍ଲିକ ଯୋଗଦେଇ ସଦଭାବନା ସଭାକୁ ଆହୁରି ମଜବୁତ କରିବା ସହ ଆଧ୍ୟାତ୍ମିକ ପରିସର ଯୁବ ବର୍ଗକୁ ଆହୁରି ମଜବୁତ କରିବ ବୋଲି ସେ କହିଥିଲେ। ଏହି ରାଲି ବାଲେଶ୍ୱର ଟାଉନ୍ ହଲ୍‌ରୁ ଆରମ୍ଭ ହୋଇ ଚିଡିଆପୋଲୋ ଦେଇ ମୋତିଗଞ୍ଜ ହୋଇ ପୁଣି ଥରେ ଟାଉନ୍ ହଲ୍‌ରେ ସମାପ୍ତ ହୋଇଥିଲା।

## ବିଦ୍ୟାଳୟସ୍ତରୀୟ କ୍ରିକେଟ୍; ଚାମ୍ପିଅନ 'ଏ' ଟିମ୍‌କୁ ସ୍ୱର୍ଣ୍ଣ

ବାଲେଶ୍ୱର, ୧୮ ।୨(ସମିସ):

ଜିଲ୍ଲା କ୍ରୀଡ଼ା ସଂଘ ଓ ଓଡ଼ିଶା କ୍ରିକେଟ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ବିଦ୍ୟାଳୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା(ବାଳକ) ପରମିଟ ପଡ଼ିଆଠାରେ ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ୧୩ ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡାସଂଘର ସଭ୍ୟ ସୁକାନ୍ତ ନାୟକ ସଭାପତିତ୍ୱ କରି କ୍ରୀଡାବିତମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଖେଳ ସମ୍ପର୍କରେ ମତ ରଖିଥିଲେ। ଅନ୍ୟତମ ଅତିଥି ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଉପାଧ୍ୟକ୍ଷ ଜୟନ୍ତ କୁମାର ହତା ଯୋଗଦେଇ କ୍ରୀଡାବିତମାନଙ୍କୁ ଉଦବୋଧନ ଦେଇଥିଲେ। ସଭ୍ୟ ପ୍ରଦୀପ ଦାସ ଓ ଆଲୋକ ପାଣ୍ଡା ଏହି ପ୍ରତିଯୋଗିତା କ୍ରୀଡାସଂଘର ଏକ ଉଚିତ ପଦେକ୍ଷପ ବୋଲି ବର୍ଣ୍ଣନା କରିଥିଲେ। ଚାମ୍ପିଅନ ବାଲେଶ୍ୱର 'ଏ' ଟିମକୁ ସ୍ୱର୍ଣ୍ଣ, ରନର୍ସ ଅପ ବାଲେଶ୍ୱର 'ସି' ଟିମକୁ ରୌପ୍ୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ବାଲେଶ୍ୱର 'ବି' ଟିମକୁ କାଂସ୍ୟ ପଦକ ଦ୍ୱାରା ସମ୍ମାନିତ କରାଯାଇଥିଲା। ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଓ ମଡର୍ଣ୍ଣ ପବ୍ଲିକ ସ୍କୁଲକୁ ଏହି କ୍ରୀଡାରେ ଅଂଶଗ୍ରହଣ ପାଇଁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ ବାଲେଶ୍ୱର 'ଏ' ଏବଂ ବାଲେଶ୍ୱର 'ସି' ମଧ୍ୟରେ ହୋଇଥିଲା। ବାଲେଶ୍ୱର 'ସି' ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୨୨ଓଭରରେ ୧୦ଉଇକେଟ ହରାଇ ମୋଟ ୮୧ ରନ ସଂଗ୍ରହ କରିଥିଲେ। ବାଲେଶ୍ୱର 'ସି'ଟିମର ପ୍ରତ୍ୟୁଷ ନାୟକ୫୬ଟି ବଲ ରୁ ୫୦ରନ ସଂଗ୍ରହ କରିଥିଲେ। ବାଲେଶ୍ୱର 'ଏ'ର କ୍ରୀଶବ ନାୟକ ୮ରନ ଦେଇ ୪ଟି ଉଇକେଟ ଓ ସଚିଦାନନ୍ଦ ଷଣ୍ଢ଼୧୬ରନ ଦେଇ ୩ଟି ଉଇକେଟ ନେଇଥିଲେ। ଜବାବରେ ବାଲେଶ୍ୱର 'ଏ' ୨୨.୩ ଓଭର ରେ ୩ ଉଇକେଟ ହରାଇ ୮୫ରନ ସଂଗ୍ରହ କରି ମ୍ୟାଚ ବିଜୟୀ ହୋଇଥିଲେ। ଏହି ମ୍ୟାଚକୁ ଅଶ୍ୱନି ସାମଲ ଓ ସା୍ୱଗତ ଦେ ସରକାର ପରିଚାଳନା କରିଥିଲେ। ରାହୁଲ ସିଂ ଓ ସୌମେନ୍ଦ୍ର ସାହୁ ସ୍କୋରର ଥିଲେ। ଏହି ଉଦଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡା ସଂଘର ଯୁଗ୍ମ ସମ୍ପାଦକ ବିରେନ୍ଦ୍ର ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ନାୟକ, ଜନ୍ମେଜୟ ଦେ, ସଭ୍ୟ ମାନସ ଦାସ, ରାଜୀବ ସେନାପତି, ସୁବିର ନାୟକ ଏବଂ ଅନ୍ୟ କର୍ମକର୍ତ୍ତା, କୋଚ ଓ ଖେଳାଳିମାନେ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡାସଂଘର କ୍ରିକେଟ ଯୁଗ୍ମ ସମ୍ପାଦକ ଅଜିତ ପାତ୍ର ଧନ୍ୟବାଦ ଦେଇଥିଲେ।








SPOT ADMISSION IS GOING ON in GAYATRI SCHOOL AND COLLEGE OF NURSING, BARIPADA

Interested candidates are invited to take admission in Gayatri School & College of Nursing for the course G.N.M., A.N.M. & for B.Sc. Nursing. Limited seats are available for spot admission.

ELIGIBILITY FOR SCHOOL OF NURSING:
+2 Arts, Science & Commerce, Minimum 40% Marks

ELIGIBILITY FOR B.SC. NURSING:
+2 Science with Biology, 40% Marks for ST/SC students & 45% Marks for General Category.

Last date of Admission: 26th of Feb. 2024

Contact: 9438477846, 9438060121, 9337306245

## ଟଙ୍କା ଓ ସୁନାଚେନ୍ ଲୁଟ୍, ଅଭିଯୁକ୍ତ ଗିରଫ

ସୋର, ୧୮।୨(ସମିସ): ସୋର ଥାନା ଖରାସାହାପୁର ନିକଟରେ ଗତକାଲି ସନ୍ଧ୍ୟାରେ ହୋଇଥିବା ଏକ ଲୁଟ ଘଟଣାରେ ସୋର ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ରାତିରେ ଖରାସାହାପୁର ଗ୍ରାମର ଗୌତମ ସେଠୀ ଦୋକାନ ବନ୍ଦ କରି ବାଗୁଡିରେ ଏକ ବିବାହ ଭୋଜିରେ ଯୋଗ ଦେବା ପାଇଁ ଯାଉଥିବା ବେଳେ ଚାରି ଜଣ ଦୁର୍ବୃତ୍ତ ଘୋଷରା ପୋଲ ନିକଟରେ ତାଙ୍କୁ ଅଟକାଇ ତାଙ୍କ ନିକଟରୁ ୨୦ ହଜାର ଟଙ୍କା ସମେତ ଏକ ସୁନାଚେନ ଲୁଟ କରିଥିଲେ ଏବଂ ତାଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଏବଂ କିଛି ବ୍ୟବସାୟୀ ଘଟଣା ସ୍ଥଳରେ ପହଞ୍ଚିଯିବାରୁ ତିନିଜଣ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଖରାସାହାପୁର ଗ୍ରାମର ଅଭୟ ଜ୍ୟୋତି ମହାଳିକକୁ ଲୋକେ କାବୁ କରି ପୁଲିସର ଜିମା ଦେଇଥିଲେ। ପରେ ଗୌତମଙ୍କ ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୩୧/୨୪ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଆଜି ଅପରାହ୍ନରେ ସୋର ମେଡିକାଲରେ ଅଭୟ ଜ୍ୟୋତିର ଡାକ୍ତରୀ ମାଇନା ପରେ ପୁଲିସ କୋର୍ଟ ଚାଲାଣ କରିଛି।

## ନାମ୍ପୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଉତ୍ସବ

ଜଳେଶ୍ୱର ବ୍ଲକ, ୧୮।୨(ସମିସ): ଜଳେଶ୍ୱର ବ୍ଲକର ନାମ୍ପୋ ଗ୍ରାମରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଓ ଜେଜେ ମା ଜେଜେ ବାପା ପୂଜନ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଜେଜେ ମା, ଜେଜେ ବାପାଙ୍କୁ ସମ୍ମାନ ପ୍ରଦର୍ଶନ, ପୂଜନ କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ ବେଳେ ଅବସରପ୍ରାପ୍ତ ଶିକ୍ଷକ ପ୍ରଶାନ୍ତ ରାଉଳ ଓ ଚନ୍ଦ୍ରଶେଖର ଚନ୍ଦ ଭାରତୀୟ ସଂସ୍କୃତିରେ ବରିଷ୍ଠ ନାଗରିକଙ୍କ ପରିବାରରେ ଥିବା ସୁଖ୍ୟାତି ଓ ସମ୍ମାନ ସମ୍ପର୍କରେ କହିଥିଲେ। ଆୟୋଜିତ ବାର୍ଷିକ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟା ଆଦ୍ୟାସା କର ସଭାପତିତ୍ୱ କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ, ମୁଖ୍ୟବକ୍ତା ଭାବେ ସୁଶୀଲ ପରିଡ଼ା ଯୋଗ ଦେଇ ଆଜିର ଶିଶୁ ଆସନ୍ତା କାଲିର ନାଗରିକ ହୋଇଥିବାରୁ ସେମାନଙ୍କୁ ମୁକ୍ତ ଓ ସ୍ୱଚ୍ଛ ଶିକ୍ଷାଦାନ ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଲୋପାମୁଦ୍ରା ରାଉଳ, ସୁଧିର କୁମାର ପରିଡ଼ା, ଲେଲିନ ମିଶ୍ର, ଅରୁଣ କୁମାର ରାଉଳ ଯୋଗ ଦୋଇ ଭାରତୀୟ ସଂସ୍କୃତି, ପରମ୍ପରାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷାଦାନ ଦିଆଯାଉଥିବାରୁ ଏହା ସର୍ବତ୍ର ଗ୍ରହଣୀୟ ହେଉଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁସ୍ମିତା ମହାନ୍ତି, ରିତେଶ ଦାସ, ବିନୟ ମହାପାତ୍ର, ସାଧନା ମହାପାତ୍ର, ପ୍ରିୟଙ୍କା ମହାପାତ୍ର, ମଧୁମିତା ପରିଡ଼ା, ସୁଜାତା ମହାନ୍ତି, ଶୁଭଲକ୍ଷ୍ମୀ ଦେ, ସୁନିଲ ମିଶ୍ର ପ୍ରମୁଖ ପରିଚଳନା କରିଥିଲେ।

## କବି ପ୍ରଦୀପ ପଣ୍ଡା ପାଇବେ ନୀହାରକନ୍ୟା ସାରସ୍ୱତ ସମ୍ମାନ




ସୋର, ୧୮।୨(ସମିସ): ଚଳିତବର୍ଷ ନୀହାରକନ୍ୟାର ସାହିତ୍ୟ ସଂସଦର ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ନାମ ଘୋଷିତ ହୋଇଛି। ଆଗାମୀ ମାର୍ଚ୍ଚ ୧୭ ତାରିଖରେ ସଂସଦର ସତେଇଶି ତମ ବାର୍ଷିକ ଉତ୍ସବରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ଚଳିତ ବର୍ଷ 'ନୀହାରକନ୍ୟା ସାରସ୍ୱତ ସମ୍ମାନ'ପାଇବେ ଲବ୍ଧ ପ୍ରତିଷ୍ଠିତ କବି ପ୍ରଦୀପ କୁମାର ପଣ୍ଡା। ସେହିପରି କବୟିତ୍ରୀ ଇନ୍ଦିରା ଦାଶଙ୍କୁ 'ନୀହାରକନ୍ୟା କବିତା ସମ୍ମାନ', କଥାକଥା କବିତାକବିତା ପତ୍ରିକାର ସମ୍ପାଦକ କବି ଅକ୍ଷୟ ବେହେରାଙ୍କୁ 'ନୀହାରକନ୍ୟା ଶବ୍ଦରାଗ କବିତା ସମ୍ମାନ', ଗାଳ୍ପିକା ମହାଶ୍ୱେତା ସାହୁଙ୍କୁ 'ନୀହାରକନ୍ୟା ଗଳ୍ପ ସମ୍ମାନ', ବିଶିଷ୍ଟ ଶିଶୁସାହିତ୍ୟିକ ଯଜ୍ଞଦତ୍ତ ସାମନ୍ତରାୟଙ୍କୁ 'ନୀହାରକନ୍ୟା ଶିଶୁ ସାହିତ୍ୟ ସମ୍ମାନ', କେନ୍ଦ୍ରସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ବିଜେତା କବି ନରେନ୍ଦ୍ର କୁମାର ଭୋଇଙ୍କୁ 'ନୀହାରକନ୍ୟା ସମ୍ମାନ', କବି କିଶୋର ପାଣିଗ୍ରାହୀଙ୍କୁ 'ନୀହାରକନ୍ୟା ଦିବ୍ୟସିଂହ ଦାସ ଅଧିକାରୀ କବିତା ସମ୍ମାନ', କବି ସୁନୀଲ ମିଶ୍ରଙ୍କୁ 'ରମାମଣି ପାତ୍ର କବିତା ସମ୍ମାନ', କବି ଲକ୍ଷ୍ମୀ ନାରାୟଣ ହୋତାଙ୍କୁ 'ନୀହାରକନ୍ୟା ବିଦ୍ୟୁତପ୍ରଭା ପାଣି କବିତା ସମ୍ମାନ', କେନ୍ଦ୍ରସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ବିଜେତା ଗାଳ୍ପିକ ଦେବବ୍ରତ ଦାସଙ୍କୁ 'ନୀହାରକନ୍ୟା ସର୍ଜନ ସମ୍ମାନ'' ଅନୁବାଦକ ନିରଞ୍ଜନ ଜେନାଙ୍କୁ 'ନୀହାରକନ୍ୟା ଅନୁବାଦ ସାହିତ୍ୟ ସମ୍ମାନ', କବି ସତ୍ୟ ସାହୁଙ୍କୁ 'ନୀହାରକନ୍ୟା ବିତନୁ ନାୟକ ସାରସ୍ୱତ ସମ୍ମାନ', କବୟିତ୍ରୀ ମିରୀନା ମହାନ୍ତିଙ୍କୁ 'ନୀହାରକନ୍ୟା ଗଦାଧର ପତି ସ୍ମୃତି ସମ୍ମାନ', କବି ଖଗେଶ୍ୱର ମହାନ୍ତିଙ୍କୁ'ନୀହାରକନ୍ୟା କଳ୍ପନା ପତି ସ୍ମୃତି ସମ୍ମାନ', କବୟିତ୍ରୀ ଜୟନ୍ତୀ ବିଶ୍ୱାଳ ବେଉରିଆଙ୍କୁ 'ନୀହାରକନ୍ୟା ଶବ୍ଦ ସ୍ୱାଗତିକା ସମ୍ମାନ', କବି ମିଳନ କୁମାର ମିଶ୍ର, ଗାଳ୍ପିକ କେ. ବିପ୍ଳବ ଓ କବୟିତ୍ରୀ ସର୍ବାଣୀ ଦାସଙ୍କୁ ନୀହାରକନ୍ୟା ପ୍ରଜ୍ଞାଦୀପ୍ତ ସମ୍ମାନ ଏବଂ କବୟିତ୍ରୀ ଦିପୀକା ଦାସ ଓ ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ 'ନୀହାରକନ୍ୟା ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ ବୋଲି ସଂସଦର ଅନୁଷ୍ଠିତ ଚୟନ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ସୁରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।

# ୩ ବର୍ଷ ହେଲା ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନ ବନ୍ଦ

- ତିନି ବିଭାଗ ମଧ୍ୟରେ ସମନ୍ୱୟ ଅଭାବ
- ୨୦୨୦ ଓ ୨୦୨୧ ମସିହାରେ ଉଦ୍ଧାର ହୋଇଥିଲେ ୨୨ ଶିଶୁ ଶ୍ରମିକ

ବାଲେଶ୍ୱର, ୧୮।୨(ସମିସ):

ନିଷ୍କ୍ରିୟ ବାଲେଶ୍ୱରରେ ଶିଶୁ ଉଦ୍ଧାର କମିଟି। ନା ଶିଶୁ ଶ୍ରମିକ ଉଦ୍ଧାର ହେଉଛି ନା ନିୟମିତ ବୈଠକ। ଫଳରେ ଶିଶୁ ଶ୍ରମିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନାର ସୁବିଧା ଉଠାଇପାରୁନାହାନ୍ତି ସେମାନେ। ବିଭାଗର ଅବହେଳା ପାଇଁ ଶିଶୁଙ୍କ ଭବିଷ୍ୟତ ଅନ୍ଧାରରେ ଘାଣ୍ଟି ହେଉଛି। ଦୀର୍ଘ ତିନି ବର୍ଷ ହେଲା ଜିଲ୍ଲାରେ ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନ କରାଯାଇନାହିଁ। ଏମିତିକି ତିନି ମାସକୁ ଥରେ ଟାସ୍କଫୋର୍ସ ବୈଠକ ହେବାର ଥିବା ନିୟମ ମଧ୍ୟ ଚୁଲିକୁ ଗଲାଣି। ସେଇ ବୈଠକ ମଧ୍ୟ ବସୁନାହିଁ। ଫଳରେ ଏବେ ବିଭିନ୍ନ ସ୍ଥାନରେ ଶିଶୁମାନେ ଶ୍ରମିକଭାବେ କାର୍ଯ୍ୟ କରୁଥିବାର ଚିତ୍ର ସାମ୍ନାକୁ ଆସୁଛି। ସମ୍ପ୍ରତି ଚର୍ଚ୍ଚାରେ ବାଳ ଅପରାଧ। ଦିନକୁ ଦିନ ଅଧାରୁ ଶିକ୍ଷା ଛାଡି ଅପରାଧ ଜଗତରେ ପ୍ରବେଶ କରୁଛନ୍ତି। ଦୁନିଆ ବାବଦରେ କିଛି ଜାଣି ନଥିବା ନାବାଳକ ଶିଶୁ। ଏହାରି ଭିତରେ ଜିଲ୍ଲାରେ ଅଚଳ ହୋଇ ପଡ଼ିଛି ଶିଶୁ ଉଦ୍ଧାର କମିଟି। ଶେଷଥର ପାଇଁ ୨୦୨୦ ମସିହାରେ ଥରେ ଏବଂ ୨୦୨୧ ମସିହାରେ ଥରେ କମିଟି ବୈଠକ ବସିଥିଲା।

ବୈଠକର ନିଷ୍ପତି ଅନୁସାରେ ସିଡ୍ଲୁସି, ପୋଲିସ, ଶ୍ରମ ଅଧିକାରୀ, ଶିଶୁ ସୁରକ୍ଷା ୟୁନିଟ ମିଳିତ ସହଯୋଗରେ ସହରର ବିଭିନ୍ନ ହୋଟେଲ, ଗ୍ୟାରେଜ, ଚିକେନ ସେଣ୍ଟର, ଅନ୍ୟାନ୍ୟ ଛୋଟ ବଡ଼ ଦୋକାନ ଉପରେ ଚଢ଼ାଉ କରାଯାଇ ୨୨ ଜଣ ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଇଥିଲା। ଏହାପରେ ଏହି ଉଦ୍ଧାର କାର୍ଯ୍ୟ ଏକପ୍ରକାର ବନ୍ଦ ରହିଛି। ଅନ୍ୟପଟେ ଉଦ୍ଧାର ପିଲାମାନଙ୍କୁ ରଖାଯିବା ନିମନ୍ତେ ଜିଲ୍ଲାରେ ଓପନ ସେଲ୍ଟର ନ ଥିବାରୁ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ତରଫରୁ ସବୁଜ ସଙ୍କେତ ମିଳି ସାରିବା ପରେ ଜିଲ୍ଲାପାଳ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ସ୍ଥାୟୀ ଡିସିପିଓ ନ ଥିବାରୁ ଦାୟିତ୍ୱରେ ଥିବା ତିନି ଜଣ କାମ ଚଳାଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ପଡ଼ିରହିଛି। ପୂର୍ବତନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତା ୧୮- ୦୯-୨୦୨୦ ରିଖ ଡିଏଲପିସିରେ ଅକ୍ତିଆରପୁର ଠାରେ ଥିବା 'ଚାର୍ଦ୍ଧ କରୁଣା ଗୌରୀ ଆଶ୍ରୟସ୍ଥଳ' ପରିସରରେ 'ଓପନ ସେଲ୍ଟର' ଖୋଲିବାକୁ ନିଷ୍ପତ୍ତି କରାଯାଇ ଥିବା ପତ୍ରକୁ ୫ଟି ଅଧକ୍ଷଙ୍କୁ ଦିଆଯିବା ପରେ ରେମୁଣା ବିଡିଓ ଏବଂ ବାଲେଶ୍ୱର ପୌରପାଳିକା ଅଧିକ୍ଷଣ ଯନ୍ତ୍ରୀ କ୍ଷେତ୍ର ଅନୁଧ୍ୟାନ କରି ରିପୋର୍ଟ ଉପସ୍ଥାପିତ କରିଥିଲେ। ଏହା ଉପଯୁକ୍ତ ସ୍ଥାନ ଅଟେ, ରିପୋର୍ଟ ସତ୍ୱେ କାଳ ବିଳମ୍ବ ହେବାରୁ ୫-ଟି ଅଧକ୍ଷଙ୍କୁ ମିଶନ ଫିଲ୍ଡରେ ଦାବି କରାଯାଇ ଥିଲା। ୫-ଟି ଅଧକ୍ଷଙ୍କ ନିର୍ଦ୍ଦେଶରେ ଜିଲ୍ଲାପାଳ ଚିଠି ସଂଖ୍ୟା ୨୪୭ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀଙ୍କୁ ତୁରନ୍ତ ପଦକ୍ଷେପ ନିମନ୍ତେ ନିର୍ଦ୍ଦେଶ ପରେ ତାହା ନାଲି ଫିତାରେ ବନ୍ଧା ହୋଇ ରହିଥିବା ଜଣାଯାଏ।

ବାଲେଶ୍ୱର ବିଧାୟକ ଓ ମନ୍ତ୍ରୀ ଶ୍ରୀ ପାତ୍ର ମଧ୍ୟ ବାଲେଶ୍ୱର ଜିଲ୍ଲାର ଅବହେଳିତ ନିଷ୍ପେସିତ ଅସହାୟ ପିଲାଙ୍କ ସ୍ୱାର୍ଥ, ସୁରକ୍ଷା ଓ ଥଇଥାନ ପାଇଁ ଓପନ ସେଲ୍ଟର ଆବଶ୍ୟକ ଥିବାରୁ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିଲେ। ଯଦି ନିର୍ବାଚନ ଘୋଷଣା ପୂର୍ବରୁ ଜିଲ୍ଲା ଶିଶୁ ସୁରକ୍ଷା କମିଟି ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ମିଳିତ ଭାବେ ଉଦ୍ୟମ ନକରନ୍ତି, ତେବେ ଆକାଶ କଇଁଆ ଚିଲିକା ମାଛ ସଦୃଶ ହୋଇ ରହିଯିବ। ପ୍ରଶାସନିକ ବ୍ୟବସ୍ଥାରେ ଉଦାସୀନତା, ରାଜନୈତିକ ସ୍ଥାଣୁତା, ଅଚଳ ଶିଶୁ ସୁରକ୍ଷା ୟୁନିଟ ପାଇଁ ଶିଶୁ ଉଦ୍ଧାର ଟାସ୍କଫୋର୍ସ ନାହିଁ କି ଜିଲ୍ଲାରେ ଉଦ୍ଧାର କରି ଶିଶୁଙ୍କୁ ରଖିବା ପାଇଁ ଓପନ ସେଲ୍ଟର ପାଇଁ କାହାର ଆଗ୍ରହ ନାହିଁ। ତେବେ ଏହା ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେଚ୍ଛାସେବୀ ସଙ୍ଗଠନ, ସାମାଜିକ, ମହିଳା ସଙ୍ଗଠନ ମାନେ ଦାବି କରିଛନ୍ତି। ୫-ଟି ଅଧକ୍ଷ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ ନ କରିବା ଡିସିପିଓଙ୍କୁ ମହଙ୍ଗା ପଡ଼ିପାରେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। 'କିଛି ବର୍ଷ ହେଲା ଶିଶୁ ସୁରକ୍ଷା ୟୁନିଟ୍ ମାନ୍ଦା ଅବସ୍ଥାରେ ଚାଲିଛି। ଫଳରେ ଆଖିଦୃଶିଆ ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନ କାର୍ଯ୍ୟକାରୀ ହେଉନାହିଁ। ଜିଲ୍ଲା ଶ୍ରମ ଅଧିକାରୀ ଏଥିରେ କନଭେନର୍ ରହିଛନ୍ତି। ହେଲେ ସେ ଏଥିପ୍ରତି ଆଗ୍ରହ ପ୍ରକାଶ ବି କରୁନାହାନ୍ତି। ଏହାବ୍ୟତୀତ ପୁଲିସ, ସିଡବ୍ଲୁସି, ଡିସିପିୟୁଙ୍କ ମିଳିତ ଉଦ୍ୟମରେ ଶିଶୁ ଶ୍ରମିକ ଉଦ୍ଧାର ଅଭିଯାନ ହୋଇଥାଏ। ହେଲେ ସମନ୍ୱୟ ଅଭାବରୁ ଶିଶୁ ଶ୍ରମିକମାନେ ବହୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାବ୍ୟତୀତ ଯେଉଁମାନେ ଶିଶୁ ଶ୍ରମିକଙ୍କୁ ରଖି କାମ କରାଉଛନ୍ତି ସେମାନଙ୍କ ପ୍ରତି କଡ଼ା ଦଣ୍ଡ ବିଧାନ ମଧ୍ୟ କରାଯାଉନାହିଁ। ତେବେ ଜିଲ୍ଲା ଶ୍ରମ ଅଧିକାରୀ ଏଦିଗରେ ଆଗ୍ରହ ପ୍ରକାଶ କଲେ ପୁଣି ଶିଶୁ ଉଦ୍ଧାର କାର୍ଯ୍ୟ ଆଖିଦୃଶିଆ ଭାବେ ହୋଇପାରିବ ବୋଲି ଶିଶୁ ମଙ୍ଗଳ କମିଟି ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ କହିଛନ୍ତି।

## ବାଗ୍‌ଦେବୀଙ୍କ ମେଢ଼ ଭସାଣ

ଜଳେଶ୍ୱର, ୧୮।୨(ସମିସ): ଜଳେଶ୍ୱର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ ଓ ଅନ୍ୟ ସ୍ଥାନ ଗୁଡିକରେ ହୋଇଥିବା ବାଗ୍‌ଦେବୀ ବିଦ୍ୟା ଦାୟିନୀ ସରସ୍ୱତୀଙ୍କ ମେଢ଼କୁ ଗତକାଲି ଏବଂ ଆଜି ରବିବାର ଭସାଣି କରାଯାଇଛି। ନାନା ପ୍ରକାର ବାଦ୍ୟ ଯନ୍ତ୍ର ବଜାଇ ଓ ବାଣ ଫୁଟାଇ ମାଆଙ୍କୁ ଲେଉଟାଣି ଦିଆଯାଇଥିଲା। ସହରର ବଡ଼ ବଜାର ଡାକ ବଙ୍ଗଳା ସମ୍ମୁଖରେ ୨୦୦୦ ମସିହାରୁ ଶ୍ରୀ ଗଣେଶ ଓ ମାଆ ସରସ୍ୱତୀଙ୍କ ପୂଜା ଆୟୋଜନ କରି ଆସୁଥିବା ଉଦ୍ୟମୀ ଯୁବକ ମାନଙ୍କ ର ଗଣେଶ କ୍ଲବ ତରଫରୁ ମଧ୍ୟ ଭସାଣି ଶାନ୍ତିପୂର୍ଣ୍ଣ ଭାବେ ସମ୍ପୂର୍ଣ୍ଣ ହୋଇଛି। କ୍ଲବର ସଭାପତି ନନୀଗୋପାଳ ବେହେରା, ସମ୍ପାଦକ ଅମିତ ରଣା, ଜଗତ ଜୀବନ ପାଳ, କୁମାର କାନ୍ତି ଦାସ, ନିରଜ ସାହୁ, ଗଣେଶ ଭଞ୍ଜ, ରୋହିତ ରାଠୀ, ଅନୁପମ ମାଇତି ପ୍ରମୁଖ ସଭ୍ୟ ମାନଙ୍କ ଦ୍ୱାରା ଉଭୟ ପୂଜା ଓ ଭଷାଣି ସଫଳ ଭାବେ ସମାପନ ହୋଇଥିଲା।



## ପଳାସିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଭୋଗରାଇ, ୧୮।୨ (ସମିସ) : ଭୋଗରାଇ ବ୍ଲକ ସୁନାଧରବସାଣ ପଞ୍ଚାୟତ ଅନ୍ତର୍ଗତ ପଳାସିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଜଗବନ୍ଧୁ ଜେନା, ସରପଞ୍ଚ ଦିଲ୍ଲୀପ କୁମାର ଦତ୍ତ, ସିଆରସିସି ବଂଶୀଧର ମାଝୀ, ସମାଜସେବୀ ସୁଧୀର କୁମାର ଦତ୍ତ, ୱାର୍ଡ ସଭ୍ୟା ଅନିତା ପାତ୍ର ପ୍ରମୁଖ ଯୋଗ ଦେଇ ସ୍କୁଲର ଉନ୍ନତି ସହ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବିକାଶ ପାଇଁ ପରାମର୍ଶ ଦେଇଥିଲେ। ବଳରାମ ବିଶି ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଧାନ ଶିକ୍ଷୟତ୍ରୀ ବ୍ରଜଶ୍ରୀ ଜେନା ବାର୍ଷିକ ବିବରଣୀ ପାଠ ଓ ସହକାରୀ ଶିକ୍ଷକ ବିକ୍ରମ କେଶରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଅଭୟ କୁମାର ଦେଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରଧାନ ଶିକ୍ଷୟତ୍ରୀ ବ୍ରଜଶ୍ରୀ ଜେନାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ଅନୁଷ୍ଠିତ ହୋଇଥିଲା।ପରିଚାଳନା କମିଟି, ମାତୃ ମଣ୍ଡଳୀର ସଦସ୍ୟା, ମଧ୍ୟାହ୍ନ ଭୋଜନ ତଦାରଖ କମିଟିର ସଦସ୍ୟ ସଦସ୍ୟା ଓ ଗ୍ରାମ କମିଟିର ମୁଖ୍ୟମାନେ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଇବଣିଆ ବିଜୁ ଶ୍ରମିକ ସାମ୍ମୁଖ୍ୟର ବୈଠକ

ଜଳେଶ୍ୱର ବ୍ଲକ, ୧୮।୨(ସମିସ): ରାଇବଣିଆସ୍ଥିତ ବିଜୁ ଶ୍ରମିକ ସାମୁଖ୍ୟର ଏକ ବୈଠକ ହାତୀଗଡ଼ ଅଙ୍ଗନବାଡି କେନ୍ଦ୍ରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ କେନ୍ଦ୍ରର କର୍ମୀ ସୁଜାତା ବାରିକ ସଭାପତିତ୍ୱ କରିଥିଲେ। ଅଲ ଓଡ଼ିଶା ଅଙ୍ଗନବାଡି କର୍ମୀ ସହାୟିକା ସଂଘର ବହୁ ସଦସ୍ୟ ମଧ୍ୟ ଏଥିରେ ଯୋଗ ଦେଇଥିଲେ। ସାମୁଖ୍ୟର ବ୍ଲକ ସଭାପତି ଦିଲ୍ଲିପ ସାମଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବାଲେଶ୍ୱର ଜିଲା ସମ୍ପାଦିକ ଗୌରୀ ଦାସ ଯୋଗ ଦେଇ ବିଜୁ ଶ୍ରମିକ ସାମୁଖ୍ୟ ପ୍ରତି ସରକାର କୋହଳ ମନୋଭାବ ପୋଷଣ କରିଚାଲିଛନ୍ତି ଓ ଆସନ୍ତା ଦିନରେ ଅଙ୍ଗନୱାଡି କର୍ମୀ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହେବବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକ ଅଙ୍ଗନୱାଡି ସଭାପତି ବନଜା ଦାସ, ସୋର ବ୍ଲକ ସଭାନେତ୍ରୀ ତିଳୋତ୍ତମା ପାତ୍ର, ଅଜୟ ଦାସ, ପ୍ରତାପ ଦାସ, ଜ୍ୟୋତିର୍ମୟ ମିଶ୍ର, ହେମନ୍ତିନୀ ବିଶ୍ୱାଳ, ମେରୀ ହାଁସଦା, ପ୍ରିୟଦର୍ଶନୀ ମାନ୍ନା, ଆରତୀ ପାତ୍ର, ସୁଶାନ୍ତି ମୁର୍ମୁ, ମନସ୍ୱିତୀ ଜେନା, ବିଜୟ ବେହେରା, ଗଙ୍ଗାଧର ଦାସ, ରତିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସଂଘର ସାଂଗଠନିକ ଶକ୍ତି ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। କମଳଲୋଚନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



ବଳରାମପୁର, ୧୮।୨(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତରେ ରବିବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଉଛି। ସରପଞ୍ଚ ମହେଶ୍ୱର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଚନ୍ଦନ କୁମାର ଜେନା ସଞ୍ଚାଳନ କରିଥିଲେ। ଉକ୍ତ ସଚେତନ ଶିବିରରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଥିବା ବେଳେ ବରେଣ୍ୟ ଅତିଥି ଭାବରେ ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରଗୋପାଳ ସିଂ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବୁଗୁଡ଼ି, ଯୁବନେତା ତୁଷାରକାନ୍ତ ବେହେରା, ସାମାଜିକ କର୍ମୀ ଧନଞ୍ଜୟ ଗିରି, ସାମାଜିକ କର୍ମୀ ଲମ୍ବୋଦର ମାହାନା, ଧନଜୟ ଗିରି, ଅନନ୍ତ ବିଶ୍ୱାଳ, ମାଥାନି ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ବିଷ୍ଣୁ ପୁର ପଞ୍ଚାୟତର ହୋଇଥିବା ବିକାଶ ମୂଳକ କାର୍ଯ୍ୟ ସହିତ ସର୍ବସାଧାରଣଙ୍କ ପାଇଁ ନୂଆ ପୁରୁଣା ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ। ବିଷ୍ଣୁପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୁଣାକର ସାହୁ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବସେନା ହିନ୍ଦୁ ସଂଗଠନର ବୈଠକ



ବଳରାମପୁର, ୧୮।୨(ସମିସ): ଦେବସେନା ହିନ୍ଦୁ ସଂଗଠନ ତରଫରୁ ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲା ଦେବସେନା ସଭାପତି ଶ୍ରୀମାନ ଶଙ୍କର ଜେନା, ବସ୍ତା ବ୍ଲକ ଦେବସେନା ସଭାପତି ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ, ବସ୍ତା ବ୍ଲକ ଦେବସେନା ମହିଳା ପ୍ରକୋଷ୍ଠ ଅଧ୍ୟକ୍ଷା ଅର୍ଚ୍ଚନା ଦତ୍ତ, ବସ୍ତା ବ୍ଲକ ଦେବସେନା ଉପାଧ୍ୟକ୍ଷ ଝରଣା ସାମଲ ତଥା ଅନେକ ଦେବସୈନିକ ଉପସ୍ଥିତ ଥିଲେ।। ଉକ୍ତ ବୈଠକ ରେ ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉତ ସଂଗଠନ ବାବଦରେ ବିଭିନ୍ନ ବିନ୍ଦୁ ଆଲୋଚନା କରିବା ସହ ଶଙ୍କର ଜେନା ସଂଗଠନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସଂଗଠନ ପକ୍ଷରୁ ବରିଷ୍ଠ ସାମ୍ବାଦିକ ରଞ୍ଜୟ କୁମାର ଦାସ ଏବଂ ଅନ୍ୟ ସମସ୍ତଙ୍କ ପରାମର୍ଶ କ୍ରମେ ନମିତା ରାଉତ ଙ୍କୁ ପଞ୍ଚାୟତ ସଭାପତି, ସୁଶ୍ରୀ ମାମୁନି ଦାସଙ୍କୁ କୋଷାଧ୍ୟକ୍ଷ, ସୁଶ୍ରୀ ସୁଜାତା ଜେନାଙ୍କୁ ମହିଳା ପ୍ରକୋଷ୍ଠ ଅଧ୍ୟକ୍ଷା, ଶ୍ରୀମାନ ବଳରାମ ରାଉତଙ୍କୁ ଯୁବ ପ୍ରକୋଷ୍ଠ ଅଧ୍ୟକ୍ଷ, ଶ୍ରୀମାନ ଶିବ ସୁନ୍ଦର ଦାସଙ୍କୁ ଆଇଟି ସେଲ୍‌ଫ ପ୍ରକୋଷ୍ଠ ଅଧ୍ୟକ୍ଷ ଛବିରାଣୀ ଜେନା ଏବଂ ଜ୍ୟୋତିର୍ମୟୀ ରାଉତ ଙ୍କୁ ଦେବସୈନିକ ଭାବେ ଦାୟିତ୍ୱ ପ୍ରଦାନ କରାଗଲା। ଏହି ବୈଠକ ଟି ସାନ ଅସ୍ତି ଗ୍ରାମର ୧୦ ନମ୍ବର ୱାର୍ଡ ର ବସୁମତୀ ଦାସ ଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ବସ୍ତା ବ୍ଲକ ଦେବସେନା ମହିଳା ପ୍ରକୋଷ୍ଠ ଅଧ୍ୟକ୍ଷା ଅର୍ଚ୍ଚନା ଦତ୍ତ ସଭାକୁ ସାଙ୍ଗ କରିଥିଲେ। ଝରଣା ସାମଲ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡିବିଲଡିଂରେ 'ଜିତେନ କ୍ଲାସିକ୍' ଓ 'ଭୋଗରାଇ ଶ୍ରୀ' ପ୍ରତିଯୋଗିତା

ଭୋଗରାଇ, ୧୮।୨ (ସମିସ) :



ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଦେହୁର୍ଦ୍ଦା ଥାନାଛକ ଠାରେ ପ୍ରଥମ କରି 'ବଡି ବିଲଡିଂ ଫିଟନେସ' କ୍ଷେତ୍ରରେ ଜିଲ୍ଲା ସ୍ତରୀୟ 'ଜିତେନ କ୍ଲାସିକ -୨୦୨୪' ଓ ବ୍ଲକ ସ୍ତରୀୟ 'ଭୋଗରାଇ ଶ୍ରୀ-୨୦୨୪' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଦେହୁର୍ଦ୍ଦା ଥାନାଛକ ସ୍ଥିତ 'ଜିତେନ ଫିଟନେସ ଜୋନ ଓ ଜିମ ସେଣ୍ଟର' ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ପୂର୍ବତନ ଦେହୁର୍ଦ୍ଦା ସରପଞ୍ଚ ରମାକାନ୍ତ କରଣ, କବି ଶ୍ରୀକୁମାର ଘୋଷ, ଜିମ ସେଣ୍ଟର ପ୍ରତିଷ୍ଠାତାଙ୍କ ପିତା ଚତୁର୍ଭୁଜ ବାରିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। 'ଜିତେନ ଫିଟନେସ ଜୋନ'ର ମୁଖ୍ୟ ତଥା ନ୍ୟାସନାଲ ବଡି ବିଲଡର ସ୍ୱର୍ଣ୍ଣପଦକ ବିଜେତା ଜୀତେନ ବାରିକ ଏହି ଆକର୍ଷଣୀୟ ବଡି ବିଲଡିଂ ପ୍ରତିଯୋଗିତା ଆୟୋଜନ କରିଥିଲା ବେଳେ ୫୦ ରୁ ୬୦ କିଗ୍ରା, ୬୦ ରୁ ୭୦ କିଗ୍ରା ଓ ୭୦ କିଗ୍ରାରୁ ଉର୍ଦ୍ଧ୍ୱ ବର୍ଗର 'ଜିତେନ କ୍ଲାସିକ-୨୦୨୪'ରେ ବାଲେଶ୍?ର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସମୁଦାୟ ୪୦ ଜଣ ଏବଂ ଏହି ୩ ବର୍ଗରେ 'ଭୋଗରାଇ ଶ୍ରୀ-୨୦୨୪'ରେ ଭୋଗରାଇ ବ୍ଲକ ଅଞ୍ଚଳରୁ ମୋଟ ୨୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଳିଙ୍ଗ ବଡି ବିଲଡିଂ ଆସୋସିଏସନର ବାଲେଶ୍ୱର ଜିଲ୍ଲା ସମ୍ପାଦକ ଦେବାଶିଷ ପାତ୍ର, ଜଳେଶ୍ୱର ସମର ଫିଟନେସର ମୁଖ୍ୟ ସମର ଶେଖର ଜେନା ଏବଂ ବଡି ବିଲଡର ବିପ୍ଳବ ଦାସ ପ୍ରତିଯୋଗୀ ମାନଙ୍କ ଫିଟନେସ ଓ ବଡି ବିଲଡିଂ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଭୋଗରାଇ ପ୍ରେସ କ୍ଲବ ସଭାପତି ସାମ୍ବାଦିକ ଅମର ମହାନ୍ତି, ସମ୍ପାଦକ ସାମ୍ବାଦିକ ବିଶ୍ୱମ୍ଭର ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଜିତେନ କ୍ଲାସିକ-୨୦୨୪ରେ ଚାମ୍ପିଅନ ସେକ ଏହେସାନ ଏବଂ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ଯଥାକ୍ରମେ ସୂର୍ଯ୍ୟକାନ୍ତ ମାଝୀ, ମଦନ ବେହେରା, ଆନନ୍ଦ ମଣ୍ଡଳ ଓ ସେକ ଜାହିଦଙ୍କ ସମେତ ଭୋଗରାଇ ଶ୍ରୀ-୨୦୨୪ର କୃତି ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ପ୍ରଶଂସାପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ବନଶ୍ରୀ ପାଠାଗାର ଓ ନୂଆ ପ୍ରୟାସର ବାର୍ଷିକ ଉତ୍ସବ




ସୋର, ୧୮।୨(ସମିସ): ସୋର ବ୍ଲକ ଶିଙ୍ଗାଖୁଣ୍ଟାସ୍ଥ ବନଶ୍ରୀ ପାଠାଗାର ଅନୁକୂଲ୍ୟରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୂଆ ପ୍ରୟାସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଦାମୋଦର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଯୋଗଦେଇ ଗ୍ରାମାଞ୍ଚଳରେ ଲୋକାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବାରେ ନୂଆ ପ୍ରୟାସର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଗାଳ୍ପିକ ସଞ୍ଜୟ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ବାଗୁଡି ସିଟି ସ୍କୁଲ ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀ ଏବଂ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ପାଢ଼ୀ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନରେନ୍ଦ୍ର ମହାପାତ୍ର ସ୍ମୃତି ମେଧା ପୁରସ୍କାରର ଉଦ୍ୟୋକ୍ତା ବିଜୟ ମହାପାତ୍ରଙ୍କ ବଡ଼ ଭାଇ ଅଜୟ ମହାପାତ୍ର ଯୋଗଦେଇଥିବା ବେଳେ ଜ୍ୟୋତି ରଞ୍ଜନ ଜେନା ସ୍ୱାଗତ ଭାଷଣ ଏବଂ ଲକ୍ଷ୍ମୀଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷା କ୍ଷେତ୍ରରେ ନିଜର ନିଷ୍ଠା ଓ ସାଧନା ବଳରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ୧୫ କୃତୀ ଛାତ୍ରଛାତ୍ରୀଙ୍କୁ ନରେନ୍ଦ୍ର ମହାପାତ୍ର ସ୍ମୃତି ମେଧା ପୁରସ୍କାର ବିତରଣ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯେଉଁଥିରେ ୧୫ଟି ସ୍କୁଲର ପଞ୍ଚମରୁ ଦଶମ ଶ୍ରେଣୀ ଯାଏଁ ଶ୍ରେଣୀର ସର୍ବୋତ୍ତମ ନମ୍ବର ରଖିଥିବା ପିଲାଙ୍କୁ ପୁରସ୍କୃତ କରାଯାଇଛି। ମାଟ୍ରିକ ପରେ ପଢ଼ାରେ ଡୋରି ବାନ୍ଧୁଥିବା ଗରିବ ଅସହାୟ ମେଧାବୀ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବାକୁ ଯୁବ ଉଦୋଗୀ ରଞ୍ଜନ ସାମଲ ସ୍କଲାରସିପ୍ ଘୋଷଣା କରିବା ସହ ଚଳିତ ବର୍ଷ ଦଶମରେ ସର୍ବାଧିକ ମାର୍କ ରଖିଥିବା କୈଳାସ ଚନ୍ଦ୍ର ହାଇସ୍କୁଲର ଓମ୍ ଅମ୍ରିତ ପାତ୍ରଙ୍କୁ ଏହି ବୃତ୍ତି ଦିଆଯାଇଛି। ଅମ୍ରିତଙ୍କୁ ଆଗାମୀ ୨ ବର୍ଷ ପାଇଁ ମାସିକ ହଜାରେ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା।

# ରାଇବଣିଆରେ ନିର୍ମାଣ ହେବ ଆଦିବାସୀ ସଂସ୍କୃତି ଭବନ



**ପ୍ରତିଶ୍ରୁତି ଦେଲେ ସ୍ୱତନ୍ତ୍ର ଉନ୍ନୟନ ଜନଜାତି ବିଭାଗର ଅଧ୍ୟକ୍ଷ**

ରାଇବଣିଆ, ୧୮।୨(ସମିସ):

ଜଳେଶ୍ୱର ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ୨୦୨୪ ଅନୁଷ୍ଠିତ ହେଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବାଲେଶ୍ୱର ଦ୍ୱାରା ଆୟୋଜିତ ଦୁଇ ଦିନିଆ ଜଳେଶ୍ୱର ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ୨୦୨୪ ଖୁଆଡ଼ ଷ୍ଟାଡିଅମରେ ଫୁଟବଲ ଓ ହାତୀଗଡ଼ ସ୍କୁଲ ପଡ଼ିଆରେ ଆଥଲେଟିକସ ଅନୁଷ୍ଠିତ ହେଇଯାଇଛି। ହାତୀଗଡ଼ସ୍କୁଲ ପଡ଼ିଆରେ ୧୦୦ମିଟର ଦୌଡ଼, ୨୦୦ମିଟର ଦୌଡ଼, ଲଙ୍ଗଜମ୍ପ ଓ ସଟପୁଟରେ ୮୦ଜଣ ଖେଳାଳି ଅଂଶଗ୍ରହଣ କରିଥିବାବେଳେ ଖୁଆଡ଼ ଷ୍ଟାଡିଅମରେ ୧୫ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଏହି ଖେଳକୁ ଉଦଘାଟନ କରିଥିଲେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ଥିଲେ ବାଲେଶ୍ୱର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନମୋହନ ମାଝୀ, ନୀଳଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବିଡ଼ିଓ ପୁନମ ରାଉତ, ଏବିଡ଼ିଓ ମାୟାଧର ମଲ୍ଲିକ, ସମାଜ ମଙ୍ଗଳ ଅଧିକାରୀ ସଜତ ଅନୁପମ, ବ୍ଲକ ବିଜେଡି ସଭାପତି ଦିଲ୍ଲୀପ ସାମଲ, ଖୁଆଡ଼ ସରପଞ୍ଚ ସୁସ୍ମିତା ବାରିକ, ସଦସ୍ୟ ବାଲ୍ମୀ ସୋରେନ, କାଳିକ ସରପଞ୍ଚ ପୁଷ୍ପଲତା ଦାସ ଏବଂ ଶିବ ଶଙ୍କର ସାହୁ। ଆଜିର ସଭାରେ ରାଇବଣିଆ ଅଞ୍ଚଳରେ ଏକ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ ପାଇଁ ଜଳେଶ୍ୱର ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନାଙ୍କ ପ୍ରସ୍ତାବ କ୍ରମେ ଘୋଷଣା କଲେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ମାଝୀ। ଏହି କାର୍ଯ୍ୟକ୍ରମକୁ ସହଯୋଗ କଲେ ନୋଡାଲ ଅଧିକାରୀ ପିଇଓ ବିକ୍ରମ ଜେନା, ତାରାକାନ୍ତ ସେନାପତି, ଜିଆରଏସ ମାଧବ ଘୋଷ, ମାନସ ପାତ୍ର ଏବଂ ପ୍ରଦୀପ ମହାନ୍ତ।

# ୨୪ ବର୍ଷ ପରେ ଭାନୁପୁର ଗ୍ରାମ ଏକାଠି



ଜଳେଶ୍ୱର ବ୍ଲକ, ୧୮।୨ (ସମିସ) :

ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶିଖରପୁର ପଞ୍ଚାୟତର ଭାନୁପୁର ଗାଁ ଏବେ ଚର୍ଚ୍ଚାରେ। ୨୪ ବର୍ଷ ଧରି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ବିଭାଜିତ ହୋଇଥିଲା। ଏପରିକି ସାମ୍ନାସାମ୍ନି ଦୁଇଟି ଶିବ ମନ୍ଦିର ପ୍ରତିଷ୍ଠା କରିଥିଲେ। ମାତ୍ର ଆଜି ୨୪ ବର୍ଷ ପରେ ଗାଁ ରେ ଥିବା ବିବାଦର ଅନ୍ତଃ ଘଟିଲା। ଦୁଇ ଗୋଷ୍ଠୀ ଗତ ଜାନୁଆରୀ ୨୭ ତାରିଖ ଏକାଠି ହୋଇ ନିଜେ ନିଜେ ଏକ ବୈଠକ କରି ସମାଧାନ ହୋଇଥିଲା। ଭାନୁପୁର ଗାଁ ସମସ୍ତଙ୍କ ପାଇଁ ଏହା ଏକ ଉଦାହରଣ ସାଜିଛି। ପରେ ଫେବୃଆରୀ ୧୬ ତାରିଖ ସର୍ବ ସମ୍ମତି କ୍ରମେ ଏକ ଶାନ୍ତିଯଜ୍ଞ କରାଯାଇ ୧୭ ତାରିଖ ମହୋତ୍ସବ ପାଇଁ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇ ୧୮ ତାରିଖ ରବିବାର ଗ୍ରାମ ତଥା ପାଖ ପଡ଼ୋଶୀ ଗ୍ରାମର ଲୋକେ ପ୍ରସାଦ ସେବନ କରିଥିଲେ। ଏଥିରେ ଭାନୁପୁର ଗ୍ରାମବାସୀ ଏକ ହୋଇଥିବାରୁ ବହୁତ୍ ଖୁସିବ୍ୟକ୍ତ କରିଛନ୍ତି।

# ବିକାଶ ଦାସ କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଜିଲ୍ଲା ଅଧ୍ୟକ୍ଷ

ବାଲେଶ୍ୱର, ୧୮।୨(ସମିସ): ୨୦୨୪ ନିର୍ବାଚନ ମୁଣ୍ଡ ଉପରେ ଥିବା ବେଳେ ଓଡ଼ିଶା କଂଗ୍ରେସ ତା'ର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର



ଜିଲ୍ଲା ଅଧ୍ୟକ୍ଷମାନଙ୍କ ନାମ ଘୋଷଣା କରିଛି। ବିଭାଗର ରାଜ୍ୟ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତିଙ୍କ ମନୋନୀତ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ମଞ୍ଜୁରୀ କ୍ରମେ ସାରା ଓଡ଼ିଶାର ସବୁ ଜିଲ୍ଲା ପରି ବାଲେଶ୍ୱର ଜିଲ୍ଲାରେ ମଧ୍ୟ ଏହି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଜିଲ୍ଲା ଅଧ୍ୟକ୍ଷ ଭାବେ ବିକାଶ ଦାସଙ୍କୁ ଦାୟିତ୍ୱ ମିଳିଛି। ବିକାଶ ଦାସ ପୂର୍ବରୁ ବହୁ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ମାନବ ଅଧିକାର ସଂଗଠନ ସହ ଜଡିତ ଥିବା ବେଳେ କଂଗ୍ରେସର ଗ୍ରାମପଞ୍ଚାୟତ ସଭାପତି, ଜୋନ ସଭାପତି, ବ୍ଲକ ଉପସଭାପତି, ହେବା ସହ ବର୍ତ୍ତମାନ କଂଗ୍ରେସ ଅଧିନସ୍ଥ କେ, କେ, ସି (ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ) ର ଜିଲ୍ଲା ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ଶ୍ରୀ ଦାସ ମଧ୍ୟ ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ଅନୁବନ୍ଧିତ ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘର ଜିଲ୍ଲା ସଭାପତି କାର୍ଯ୍ୟରତ।

# ଭୂମିପୁତ୍ର ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ



ସୋର, ୧୮।୨(ସମିସ): ସୋର ବ୍ଲକ କେଦାରପୁରଠାରେ ଭୂମିପୁତ୍ର ସେବା ସଂଗଠନ ତରଫରୁ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଭୂମିପୁତ୍ର ସେବା ପ୍ରତିଷ୍ଠାନ ତରଫରୁ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନ ନେହେରୁ ଯୁବ କେନ୍ଦ୍ର, ବାଲେଶ୍ୱର ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର, ବାଲେଶ୍ୱର ଜିଲ୍ଲା ଯୁବ ଅଧିକାରୀ ଆର ରମେଶ କପୁର କାର୍ଯ୍ୟକ୍ରମକୁ ଉଦଘାଟନ କରି ଯୁବ ସମାଜ କୁ ସେବା କାର୍ଯ୍ୟରେ ନିୟୋଜିତ ହେବା ସହିତ ଦେଶ ଏବଂ ସମାଜ ନିର୍ମାଣରେ ପ୍ରତ୍ୟକ୍ଷ ଭାବେ ଜଡିତ ହେବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ର ଏପିଏ ଅଶୋକ କୁମାର ଦାସ ଓ ସବୁଜ ଭାରତର ସତ୍ୟବ୍ରତ ଜେନା ଯୁବ ସମାଜକୁ ରାଷ୍ଟ୍ର ନିର୍ମାଣ ଏବଂ ଭାରତ ର ସଂସ୍କୃତି, ପରମ୍ପରା, ଇତିହାସ ସମ୍ବନ୍ଧରେ ଜ୍ଞାନ ଆହରଣ କରିବା ପାଇଁ କହିଥିଲେ। ଭୂମିପୁତ୍ର ସେବା ପ୍ରତିଷ୍ଠାନ ର ସମ୍ପାଦକ ଶିଶିର ଦାଶ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଏହି ଦୁଇ ଦିନ ଧରି ଆୟୋଜିତ କ୍ରୀଡ଼ା ଉତ୍ସବ ରେ ବିଭିନ୍ନ ପ୍ରକାର କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଭୂମିପୁତ୍ର ସେବା ପ୍ରତିଷ୍ଠାନ ର ସମ୍ପାଦକ ଶିଶିର ଦାଶ ସଫଳ ବିଜୟୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ନେହେରୁ ଯୁବ କେନ୍ଦ୍ର ର ନୀଳକଣ୍ଠ ଦାଶ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଭୂମିପୁତ୍ର ସଂଗଠନର ଅନିଲ ନାୟକ, ହରିଶ୍ ଲେଙ୍କା, ଦୀପକ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପୋଚ ନଷ୍ଟ ସହ ଦେଶୀମଦ ଜବତ

ସୋର, ୧୮।୨ (ସମିସ): ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ବାଘଆମ୍ବୁଡା ଜଙ୍ଗଲରେ ସୋର ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ଗୁଡ଼ପୋଚ ନଷ୍ଟ କରିବା ସହିତ ଦେଶୀମଦ ଜବତ କରିଥିବା ବେଳେ ଜଣକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସୋର ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନେତୃତ୍ୱରେ ସୋର ଥାନା ଏଏସଆଇ ନନ୍ଦ କିଶୋର ବିଶ୍ୱାଳ, କେଶବ ବେଶ୍ରାଙ୍କ ସହିତ ଏକ ଟିମ ସଦଳବଳେ ଏହି ଜଙ୍ଗଲରେ ବେଆଇନ ଭାବେ ଗଢି ଉଠିଥିବା ବେଆଇନ ମଦରନ୍ଧା କାରଖାନା ଉପରେ ଚଢ଼ଉ କରି ୬ ହଜାର ଲିଟର ଗୁଡ଼ପୋଚ ନଷ୍ଟ କରିଥିବା ବେଳେ ୧୨ ଶହ ଲିଟର ଦେଶୀମଦ ଏବଂ ମଦରନ୍ଧା ସାମଗ୍ରୀକୁ ଜବତ କରିଥିଲେ। ଏହି କାରବାରରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୁଲିସ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଏହି ଚଢ଼ାଉରେ କନେଷ୍ଟବଲ ଜୟସାନ ମୁଦୁଲି, ସଦା ମୁଦୁଲି ପ୍ରମୁଖ ସାମିଲ ହୋଇଥିଲେ।

# କ୍ଷେଟ୍ ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ



ସୋର, ୧୮।୨(ସମିସ): ସୋର ବ୍ଲକ ଅନନ୍ତପୁରସ୍ଥିତ କ୍ଷେଟ ବ୍ରିଗେଡ଼ ବିଦ୍ୟାଳୟର ୧୯ ତମ ବାର୍ଷିକ ଉତ୍ସବ ପ୍ରଦୀପ କୁମାର ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସୋର ବିଡ଼ିଓ ସତ୍ୟନାଥ ନାଏକ, ମୁଖ୍ୟବକ୍ତା ଭାବେ ପ୍ରତିମା ଦାଶ, ସମ୍ମାନିତ ଅତିଥି ଭାବେ ଦେବେନ୍ଦ୍ର ପ୍ରସାଦ ପାତ୍ର, ଅବସର ପ୍ରାପ୍ତ ଖେଳ ଶିକ୍ଷକ ନିତ୍ୟାନନ୍ଦ କର, ସୁନୀଲ ମହାପାତ୍ର ଓ ସଞ୍ଜୟ ଦାସ ଯୋଗଦେଇ ବିଫଳତା ସଫଳତାର ଚାବି କାଠି, ତେଣୁ ପିଲାମାନେ ନିଜ କର୍ମକୁ ନିଷ୍ଠାର ସହ ଆଗେଇ ନେବା ସହିତ ଜଣେ ଜଣେ ଭଲ ମଣିଷ ହେବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସରସ୍ୱତୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ କୁନିକୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନେ ପରିଚାଳନା କରିଥିଲେ।

# ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମ୍ପର୍କିତ ସଚେତନତା ଶିବିର

ବାଲେଶ୍ୱର, ୧୮।୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରେମୁଣା ବ୍ଲକ ଅନ୍ତର୍ଗତ ଶ୍ରୀଜଙ୍ଗ ଗ୍ରାମର ଦାଶ ମହାପାତ୍ର ବାଞ୍ଛାନିଧି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ ଜିଲ୍ଲା ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଚିନ୍ତାମଣି ପଣ୍ଡା ଅଧ୍ୟକ୍ଷତା କରିବା ସହିତ ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ବାବଦରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ସହକାରୀ ଶ୍ରମ ଅଧିକାରୀ ଦେବାଶିଷ ଜେନା, ଇଂଟର ନ୍ୟସନାଲ ଜଷ୍ଟିସ୍ ମିଶନ୍‌ର ଶାଖା ପ୍ରମୁଖ ଅମିତ୍ କୁମାର ନାୟକ, ସହକାରୀ ଶାଖା ପ୍ରମୁଖ ଦେବାଶିଷ୍ ବାରିକ୍, ବାଲେଶ୍ୱର ଜିଲ୍ଲା ର ଡେପୁଟି ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ବିଦ୍ୟାଧର ସାହୁ, ଆଇନଜୀବୀ ସତ୍ୟେନ୍ଦ୍ର ଉମାଶଙ୍କର ନାୟକ, ସ୍ଥାନୀୟ ସରପଞ୍ଚ କବିତା ସେଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ଜେନା ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସଚେତନତା ଶିବିରକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପ୍ରିୟ ରଞ୍ଜନ ଓଝା ପରିଚାଳନା କରିବା ସହିତ ପ୍ରବାସୀ ଶ୍ରମିକ ମାନଙ୍କୁ ତ୍ୱରିତ ଆଇନସେବା ପ୍ରଦାନରେ ଜିଲ୍ଲା ଆଇନସେବା ପ୍ରାଧିକରଣର ଭୂମିକା ତଥା ପ୍ରାଧିକରଣର ବିଭିନ୍ନ ନିୟମିତ କାର୍ଯ୍ୟକ୍ରମ ଯଥା ରାଷ୍ଟ୍ରୀୟ ଲୋକ ଅଦାଲତ, ନିଃଶୁଳ୍କ ଆଇନସେବା ପ୍ରଦାନ, ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ଏବଂ ପିଡୀତା କ୍ଷତିପୂରଣ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

# ପାଳଜାମକୁଣ୍ଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୧୮।୨(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ପାଳଜାମକୁଣ୍ଡା ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିମାଁଇ ଚରଣ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ନମିତାପ୍ରଭା ସାମଲ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ବସ୍ତା କୋଷାଗାରର ଅବସରପ୍ରାପ୍ତ ଅଧିକାରୀ ଗୁଣାକର ଦେ, ସମ୍ମାନିତ ଅତିଥି ଭାବେ ଜାମକୁଣ୍ଡା କ୍ଲଷ୍ଟରର ସିଆରସିସି ଅତୁଲ ସାହୁସ, ଜଗାଇ କ୍ଲଷ୍ଟରର ସିଆରସିସି ଜ୍ୟୋତିପ୍ରକାଶ ଜେନା, ବାଲିଆପାଳ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଜନ୍ମେଜୟ ସାମଲ, ସୁନାରୁଇ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୟଦେ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟ ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାଧାକୃଷ୍ଣ ପରିଡ଼ା, ନିଶାନ୍ତ ବେହେରା, ଶିକ୍ଷୟିତ୍ରୀ ମଞ୍ଜୁବାଳା ଦାସ, କବିତା ପିଳା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନାମଯଜ୍ଞ ଓ ଅନ୍ନ ମହୋତ୍ସବ

ଶ୍ରଦ୍ଧାପୁର, ୧୮।୨ (ସମିସ): ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତ ସରସ୍ୱତୀ କ୍ଲବ ପକ୍ଷରୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ନାମଯଜ୍ଞ ସହିତ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ସମସ୍ତ ସ୍କୁଲର ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ତିନି ହଜାର ଲୋକଙ୍କ ପାଇଁ ଅନ୍ନମହୋତ୍ସବ ଆୟୋଜନ କରାଯାଇଥିଲା। କ୍ଲବର ସଭାପତି ନିମାଇଁ ଚରଣ କର, ସମ୍ପାଦକ ବଳରାମ ନାୟକ, ସହ ସମ୍ପାଦକ ବିମଳ ନାୟକ, ସଦସ୍ୟ ହେମନ୍ତ ପ୍ରଧାନ, ସୁବଳ ନାୟକ, ବଂଶୀଧର ମଣ୍ଡଳ, ଚନ୍ଦ୍ରକାନ୍ତ ପ୍ରଧାନ, ଧୃତି ରଞ୍ଜନ ଜେନା, ଜୟନ୍ତ ଜେନା, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପାତ୍ର, ଗଣେଶ ଚନ୍ଦ୍ର ପରିଡ଼ା, ମାଧବ ସେନାପତି ପ୍ରମୁଖ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ଟିଁଣାରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

ବାଲେଶ୍ୱର, ୧୮।୨(ସମିସ): ବରୁଣସିଂ ପଞ୍ଚାୟତ ଅଧୀନରେ ଥିବା ଟିଁଣା ଉଡ଼ା ପଡ଼ିଆରେ ଆଜି ମା ଖଣ୍ଡା ବାସୁଳି ଫୁଟବଲ ଟୁର୍ଣ୍ଣାମେଣ୍ଟ କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଶେରଗଡ଼ ସରପଞ୍ଚ ଦୟାନିଧି ମହାପାତ୍ର, ବଂଶୀଧର ଦଳେଇ, ବିଜୁ ପାଣିଗ୍ରାହୀ, ଉର୍ମିଳା ବେହେରା, ରଞ୍ଜିତା ସାସମସଲ, ଦୁତି ରାଣୀ ବେହେରା ହିମାଂଶୁ ମହାନ୍ତି ଯୋଗ ଦେଇଥିଲେ। ଫାଇନାଲରେ ନରହରି ପୁର ଓ ଈଶାଣି ଟିମ ଉତ୍ତୀର୍ଣ୍ଣ ହୋଇ ମ୍ୟାଚ ଖେଳିଥିଲେ। କେହି ଗୋଲ ଦେଇ ନ ପାରିବାରୁ ଶେଷରେ କରନାର ମେଚ ରେ ଈଶାଣି ବିଜୟୀ ହୋଇ ଟ୍ରଫି ଓ ନଗଦ ଟଙ୍କା ପୁରସ୍କାର ଭାବେ ଅତିଥି ମାନଙ୍କ ଠାରୁ ଗ୍ରହଣ କରି ଥିଲେ। ସେହିପରି ରାନର୍ସ ଅପ ଭାବେ ନରହରିପୁର ଟିମ ନଗଦ ପୁରସ୍କାର ରାଶି ପାଇଥିଲେ। କ୍ଲବର ସଭାପତି ଗଗନ ଦଳେଇ ଓ ସମ୍ପାଦକ ଜଗନ୍ନାଥ ଦଳେଇ ସଭା ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରୂପସା, ୧୮।୨(ସମିସ) : ସଦର ବ୍ଲକ ଅଧୀନସ୍ଥ ଶ୍ରୀରାମପୁର ପଞ୍ଚାୟତ ଉଇଟିକିରିସ୍ଥିତ ଶାନ୍ତିଲତା କଲେଜରେ ୮ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଉଦଯାପନୀ ସଭାରେ ଅଧ୍ୟାପକ ସପନ ମହାପାତ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଭୋଳ, ଅଧ୍ୟାପକ ମାନସ ଦତ୍ତ, ଅଧ୍ୟାପକ ଉମାଶଙ୍କର ପାଣି, ଅଧ୍ୟାପକ ଦୁର୍ଗା ମାରାଣ୍ଡି, ଅଧ୍ୟାପିକା ମମତା ସାହୁ, ଅଧ୍ୟାପିକା ଭାରତୀ ଭୋଇ, ଅଧ୍ୟାପିକା ଜେମାମଣି ସାହୁ ଯୋଗଦେଇ ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ମାଷ୍ଟର ଟ୍ରେନର ଆରତୀ ନାୟକ ଏବଂ ଅନୁରାଧା ପଟ୍ଟାୟତ ଯୋଗଦେଇ ଛାତ୍ରୀମାନେ ନେଇଥିବା ତାଲିମକୁ ଉପଯୁକ୍ତ ସମୟରେ କାର୍ଯ୍ୟରେ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବେହେରା ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ପ୍ରଣତି ବେହେରା ଏବଂ ସମସ୍ତ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ଏବଂ ପରିଚାଳିତ ହୋଇଥିଲା।

# ପ୍ରାଣକୃଷ୍ଣ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ

ବଳରାମପୁର, ୧୮।୨(ସମିସ): ବାଲିଆପାଳ ବ୍ଲକ ଜଗାଇସ୍ଥିତ ପ୍ରାଣକୃଷ୍ଣ ଫାଉଣ୍ଡେସନ ଟ୍ରଷ୍ଟର ୨୬ ତମ ବାର୍ଷିକ ଉତ୍ସବ ଓ ସାରସ୍ୱତ ବନ୍ଧୁମିଳନ ଉତ୍ସବ ରବିବାର ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅବସର ପ୍ରାପ୍ତ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବରେ ଖ୍ୟାତି ସମ୍ପନ୍ନ ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦେଇ ପ୍ରାଣ କୃଷ୍ଣଙ୍କ ସାହିତ୍ୟର ବିବିଧ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ କବି ଓ ସାମ୍ବାଦିକ ଡଃ ସୁଶୀଳ ବାଗ, ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟିର ଆବାହକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ପ୍ରମୁଖ ଯୋଗ ଦେଇ ପ୍ରାଣ କୃଷ୍ଣଙ୍କ ତ୍ୟାଗପୁତ୍ତ ଜୀବନର ତୁଳନା ନାହିଁ ବୋଲି କହିଥିଲେ। ପ୍ରାଣ କୃଷ୍ଣଙ୍କ ସୁପୁତ୍ରି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବୟିତ୍ରୀ ଡ. ମନୋରମା ବିଶ୍ୱାଳ ମହାପାତ୍ର ପ୍ରାକ୍ ସୂଚନା ବିବରଣୀ ପାଠ କରିଥିଲେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ଼ଃ ସୁଶୀଳ କୁମାର ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଅନୁଷ୍ଠାନ ର ମୁଖପତ୍ର ପ୍ରାଣକୃଷ୍ଣ ବିଶ୍ୱାଳଙ୍କ ସ୍ମୃତି ସମ୍ଭାରକୁ ଉନ୍ମୋଚନ କରିଥିଲେ। ଟ୍ରଷ୍ଟର ସମ୍ପାଦକ ନଳିନୀ କାନ୍ତ ପାଢ଼ୀ ଅତିଥି ପରିଚୟ ସ୍ୱାଗତ ଭାଷଣ ଦେଇଥିଲେ। କବି ଭାରତୀ ସରିତା ମହାନ୍ତି, ଯବନ କବି ସେକ ନିମାଜୀ, ପ୍ରଧାପକ ବୀର ମାଧବ ଦାସ, ସୌଭାଗିନୀ ମିଶ୍ର, ଶଚିନ୍ଦ୍ର ନନ୍ଦୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ସମ୍ପାଦକ ନଳିନୀକାନ୍ତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



# ନଟାକଟାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ରାଜଘାଟ, ୧୮।୨ (ସମିସ):

ବସ୍ତା ବ୍ଲକ ନଟାକଟା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବନ୍ଦନା ସେଠୀଙ୍କ ସଭାପତିତ୍ୱ ଓ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋହିନୀ କୁମାର ନାଏକ, ସମ୍ମାନିତ ଅତିଥି ବିଜେଡି ପଞ୍ଚାୟତ ସଭାପତି ପ୍ରଦୀପ କୁମାର ବେହେରା, ସମିତି ସଭ୍ୟା ସାଗରିକା ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜନ୍ମେଜୟ ଦଳାଇ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଶମ୍ଭୁନାଥ ସେଠୀ, ସେବା ସମବାୟ ସମିତି ସଭାପତି ଦୀପକ କୁମାର ସାହୁ, ସିଦ୍ଧେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେଶ କୁମାର ସେଠୀ, ସମିତି ସଭ୍ୟା ପ୍ରତିନିଧି ଗଣେଶ ଚାନ୍ଦ, ୪ ନଂ ୱାର୍ଡ ସଭ୍ୟ ବରେନ୍ଦ୍ର ଭଦ୍ର ପ୍ରମୁଖ ମଞ୍ଚାସୀନ ରହି ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଓ ଏହି ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଯେପରିକି ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ଗୁଡ଼ିକର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ବିକାଶ, ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରୀକରଣ, ସୁଗମ ପରିବହନ ବ୍ୟବସ୍ଥା, କ୍ରୀଡ଼ା ଭିତ୍ତିଭୂମିର ବିକାଶ, ଐତିହ୍ୟ ଭିତ୍ତିଭୂମିର ବିକାଶ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିବା ସହ ଉନ୍ନୟନ ପୁସ୍ତିକାର ଉନ୍ମୋଚନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ପଞ୍ଚାୟତବାସୀ ଯୋଗ ଦେଇଥିଲା ବେଳେ ଜିଆରଏସ ମାନସ ରଞ୍ଜନ ନାଏକ ଅତିଥି ପରିଚୟ ପ୍ରଦାନ ଓ ଏମବିକେ ସରୋଜିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପ୍ରାରମ୍ଭରେ ଚାଷୀପଡ଼ା କାଶୀଶ୍ୱର ଉ.ପ୍ରା(ମଇ) ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ଟେଣ୍ଟ ପରିସରରେ ସ୍ୱୟଂ ସହାୟକ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ, ଖାଦ୍ୟ ସାମଗ୍ରୀ, ବସ୍ତ୍ର, ମିଲ୍କିୟାନା ପଶୁ ଆହାର ଆଦି ଷ୍ଟଲଗୁଡ଼ିକୁ ମନ୍ତ୍ରୀ ଶ୍ରୀ ପାତ୍ର ବୁଲି ଦେଖିଥିଲେ।



# ଭିନ୍ନକ୍ଷମ ରାମଚନ୍ଦ୍ରଙ୍କୁ ମିଳିଲା ହୁଇଲ୍ ଚେୟାର, ଅତିଶୀଘ୍ର ଭତ୍ତା

ଭୋଗରାଇ, ୧୮।୨ (ସମିସ) :

ଦୀର୍ଘ ଆଠ ବର୍ଷ ହେଲା ପକ୍ଷାଘାତ ରୋଗରେ ପୀଡିତ ହୋଇ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ଗୋଟିଏ ବିଛଣାରେ ପଡ଼ି ରହିଥିଲେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦାହୁଣଦା ପଞ୍ଚାୟତ ଅନ୍ତର୍ଗତ କଉରଦା ଗ୍ରାମର ରାମଚନ୍ଦ୍ର ଥାଟ। ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଭିନ୍ନକ୍ଷମ ଭତ୍ତା ଏବଂ ହୁଇଲ ଚେୟାର ତାଙ୍କ ପାଇଁ ସାତସପନ ହୋଇଥିଲା। ଏ ନେଇ ଗତ ସେପ୍ଟେମ୍ବର ମାସ ୧ରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ କମିଶନର ବିଷ୍ଣୁପଦ ସେଠୀ ଭୋଗରାଇ ବିଡ଼ିଓଙ୍କୁ ରିପୋର୍ଟ ମାଗିବା ସହିତ ତାଙ୍କୁ ତୁରନ୍ତ ହୁଇଲ ଚେୟାର ଓ ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ମୁତାବକ ବିଭାଗ ପକ୍ଷରୁ ତାଙ୍କୁ ଏକ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା ବେଳେ ଅତିଶୀଘ୍ର ଭତ୍ତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଏ ନେଇ ବିଭାଗୀୟ କମିଶନର ଶ୍ରୀ ସେଠୀଙ୍କ ସମେତ ଭୋଗରାଇ ବିଡ଼ିଓ ଉମାକାନ୍ତ ପରିଡ଼ା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ ସାମଲ ଏବଂ 'ସକାଳ' ପରିବାରକୁ ଶ୍ରୀ ଥାଟ କୃତଜ୍ଞତା ଜଣାଇଛନ୍ତି।



'ସକାଳ' ପ୍ରଭାବ

ପ୍ରକାଶ ଯେ, କଉରଦା ଗ୍ରାମର ରାମଚନ୍ଦ୍ର ଥାଟ ଜଣେ ଗରିବ ହରିଜନ ସମ୍ପ୍ରଦାୟର ହୋଇଥିଲା ବେଳେ ଅଳ୍ପ କିଛି ଘରଡିହ ବ୍ୟତୀତ ଅନ୍ୟ କୌଣସି ଚାଷ ଜମି ନାହିଁ। ଲୋକଙ୍କ ଘରେ ମୂଲ ମଜୁରୀ ଲାଗି ଏବଂ ଅବସର ସମୟରେ ବାଉଁଶ ଝୁଡି ଓ ଟୋକେଇ ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ। ତେବେ ୮ ବର୍ଷ ପୂର୍ବେ ହଠାତ ପକ୍ଷାଘାତ ରୋଗରେ ପୀଡିତ ହୋଇ ତାଙ୍କର ଶରୀର ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ସ୍ଥାନୀୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ ମଧ ତାଙ୍କର ଶରୀରରେ କୌଣସି ପରିବର୍ତ୍ତନ ହୋଇନଥିଲା। ଉନ୍ନତ ଚିକିତ୍ସା ଆବଶ୍ୟକତା ରହିଥିଲା ବେଳେ ଅର୍ଥାଭାବରୁ ସେ ଘରୋଇ ଡାକ୍ତରଖାନାକୁ ଯାଇପାରି ନଥିଲେ। ସେହି ସମୟରେ ଚିକିତ୍ସା ପାଇଁ ନିଜ ଘରଡିହର କିଛି ଅଂଶ ମଧ ବିକ୍ରି କରିଦେଇଥିଲେ। ଶରୀର ସମ୍ପୂର୍ଣ୍ଣ ଅଚଳ ହୋଇଥିଲା ବେଳେ ପରବର୍ତ୍ତୀ ସମୟରେ ସରକାରୀ ଡାକ୍ତରଖାନାର ଚିକିତ୍ସା ସେବା ମଧ ତାଙ୍କ ପାଇଁ ଅପହଞ୍ଚ ହୋଇଛି। ଏବେ ଘରେ ଗୋଟିଏ ବିଛଣାରେ ପଡ଼ିରହି ଜୀବନର ଅବଶିଷ୍ଟ ସମୟ ଅତିବାହିତ ପାଇଁ ଅପେକ୍ଷା କରିଛନ୍ତି ରାମଚନ୍ଦ୍ର। ପତ୍ନୀ ସାବିତ୍ରୀ ବୃଦ୍ଧା ବୟସରେ ପର ଘରେ ମୂଲ ଲାଗି ଏବଂ ବାଉଁଶ ଝୁଡି ଟୋକେଇ ତିଆରି କରି ପରିବାର ପାଇଁ କେବଳ ଖାଦ୍ୟ ଯୋଗାଡ କରୁଛନ୍ତି। ଏଥିରେ ସ୍ୱାମୀଙ୍କ ଔଷଧ କିଣିବା ଅସମ୍ଭବ ହୋଇଛି। ଅନ୍ୟପକ୍ଷରେ ରାମଚନ୍ଦ୍ରଙ୍କ ଆଧାର କାର୍ଡ ନଥିବାରୁ ସରକାରୀ ସାମାଜିକ ସୁରକ୍ଷା ଯୋଜନାରେ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା କିମ୍ବା ଭିନ୍ନକ୍ଷମ ଭତ୍ତା ମିଳିପାରି ନଥିଲା। ପତ୍ନୀ ସାବିତ୍ରୀଙ୍କ ନାମରେ ଯେଉଁ ଖାଦ୍ୟ ସୁରକ୍ଷା ଯୋଜନାର ରେସନକାର୍ଡ ରହିଛି ସେଥିରୁ ଦୁଇ ଜଣଙ୍କ ପାଇଁ ମାସକୁ କେବଳ ୧୦ କିଲୋଗ୍ରାମ ଚାଉଳ ମିଳୁଛି। ସେଥିରେ ମାସକ ପାଇଁ ଭାତ ମଧ ନିଅଣ୍ଟ ହେଉଛି। ଏଭଳି ଦୟନୀୟ ସ୍ଥିତି ମଧରେ ଗତି କରୁଥିବା ଏହି ବୃଦ୍ଧ ଦମ୍ପତ୍ତିଙ୍କ ପ୍ରତି ଏପର୍ଯ୍ୟନ୍ତ ସ୍ଥାନୀୟ ପଞ୍ଚାୟତ କିମ୍ବା ପ୍ରଶାସନର ଦୃଷ୍ଟି ପଡ଼ିନଥିଲା। ଏ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ କମିଶନର ବିଷ୍ଣୁପଦ ସେଠୀଙ୍କ ନିର୍ଦ୍ଦେଶରେ ତାଙ୍କୁ ଗୋଟିଏ ହୁଇଲ ଚେୟାର ମିଳିଥିଲା ବେଳେ ଅତିଶୀଘ୍ର ଭତ୍ତା ମିଳିବା ପ୍ରତିଶ୍ରୁତି ମିଳିଛି। ଏହାକୁ ନେଇ ଅସହାୟ ବୃଦ୍ଧ ଦମ୍ପତ୍ତିଙ୍କ ମୁହଁରେ ହସ ଫୁଟିଛି।

## ଟ୍ରାଭେଲର - ଡମ୍ଫର ମୁହାଁମୁହିଁ ଧକ୍କା, ୧୭ ଆହତ



ସୋର, ୧୮।୨(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରେ ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ଏକ ଟ୍ରାଭେଲର ଏବଂ ଡମ୍ଫର ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୭ ଜଣ ଆହତ ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ ଭୁବନେଶ୍ୱରରୁ ବାରିପଦା ଅଭିମୁଖେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଭୁବନେଶ୍ୱରରୁ ଏକ ଟ୍ରାଭେଲର ମିନି ବସରେ ୧୨ ଜଣ ଝିଅ ଓ ୪ ଜଣ ପୁରୁଷ କଳାକାର ଯାଉଥିବା ବେଳେ ୧୬ନମ୍ବର ଜାତୀୟ ରାଜପଥ ବିଦୁ ନିକଟରେ ବିପରୀତ ଦିଗରୁ ଆସୁଥିବା ଡମ୍ଫର ସହ ଧକ୍କା ଦେଇଥିଲା। ଫଳରେ ଟ୍ରାଭେଲରରେ ଥିବା ୧୬ ଜଣ କଳାକାରଙ୍କ ସମେତ ଗାଡିର ଚାଳକ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚାଳକଙ୍କ ସମେତ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଆହତ ହୋଇଥିବା କଳାକାର ମାନେ ହେଲେ ସଞ୍ଜୀବ ରାଉତ, ମଧୁସ୍ମିତା ପଶାୟତ, ଯାଗନା ପଟ୍ଟନାୟକ, ତନ୍ମୟ ରଥ, ପଲ୍ଲବୀ ମହାକୁଡ଼, ମିନୁ ଭୋଇ, ଆକାଂକ୍ଷା ବୁଇଦୀ, ନିରଞ୍ଜନ ବଳିୟାରସିଂ, ବନ୍ଦିତା ଦାସ, ସିଭିୟାନ ନନ୍ଦ, କୁମୁଦିନୀ ପୁଟି, ବବିତା ଶବର, ମଶମ ସାହୁ, ତୃସ୍ୟା ମିଶ୍ର, ସୋନାଲି ପାତ୍ର, ୱାଜିଦ ଏବଂ ଟ୍ରାଭେଲର ଚାଳକ ସୂର୍ଯ୍ୟକାନ୍ତ ସ୍ୱାଇଁ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରି ଥାନାକୁ ଆଣିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଅନ୍ୟ ଆହତ ମାନେ ସୋର ମେଡିକାଲରେ ଚିକିତ୍ସିତ ହୋଇ ଭୁବନେଶ୍ୱର ଫେରି ଯାଇଥିବା ଜଣାପଡ଼ିଛି।

## ବସ୍ ଦୁର୍ଘଟଣାଗ୍ରସ୍ତ: ୨ ଗୁରୁତର, ୨୫ ଆହତ

ଜଳେଶ୍ୱର ବ୍ଲକ, ୧୮।୨ (ସମିସ) : ପଶ୍ଚିମବଙ୍ଗ ସୀମାନ୍ତ ଖଡ଼ିକା ବଜାରରୁ ଜଳେଶ୍ୱରର ଓଲମରା ଦେଇ ଭୁବନେଶ୍ୱର ଯାଉଥିବା କ୍ଷୀରଚୋରା ନାମକ ବସ୍ ଯାଜପୁର ଜିଲ୍ଲା ପାଣିକୋଇଲି ଠାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ବସର ଚାଳକ ଓ କଣ୍ଡକ୍ଟର ଗୁରୁତର ହୋଇଥିବା ବେଳେ ୨୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଗୁରୁତର ଚାଳକଙ୍କୁ କଟକ ବଡ଼ ଡାକ୍ତରଖାନା ଏବଂ କଣ୍ଡକ୍ଟର କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଛି। ଅନ୍ୟ ଆହତଙ୍କୁ ପାଣିକୋଇଲି ଓ ଯାଜପୁର ଡାକ୍ତରଖାନାରେ ଚିକିତ୍ସା କରାଯିବା ପରେ ଅନ୍ୟ ଏକ ବସ୍‌ରେ ଭୁବନେଶ୍ୱର ପଠା ଯାଇଥିବା ଜଣାପଡ଼ିଛି। ସୂଚନା ରୁ ଜଣା ପଡ଼ିଛି ପ୍ରତିଦିନ ଭଳି ଶୁକ୍ରବାର ସନ୍ଧ୍ୟାରେ ପଶ୍ଚିମବଙ୍ଗ ସ୍ଥିତ ଖଡ଼ିକା ମାର୍କେଟ ରୁ ବସଟି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲମରା, ଗୋପାଳ ପ୍ରସାଦ, ହାତୀଗଡ଼, ରାଇବଣିଆ, ମୟୂରଭଞ୍ଜର ରାସଗୋବିନ୍ଦପୁର ରାସ୍ତାରେ ଭୁବନେଶ୍ୱର କୁ ଯାଉଥିଲା। ପ୍ରାୟ ୩୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ରାତି ପ୍ରାୟ ୨ଟା ସମୟରେ ଯାଜପୁର ଜିଲ୍ଲା ପାଣିକୋଇଲି ସ୍ଥିତ ଶର୍ମା ପେଟ୍ରୋଲ୍ ପମ୍ପ ଡାଇଭର୍ସନ୍ ନିକଟରେ ଏକ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ବସ୍ ଚାଳକ ବାଲେଶ୍ୱର ଜିଲ୍ଲାର ଜୟନ୍ତ କୁମାର ସିଂ (୩୫) ଗାଡ଼ିର ଷ୍ଟିୟରିଂରେ ଚାପି ହୋଇ ଯାଇଥିବା ବେଳେ କଣ୍ଡକ୍ଟର ମଧ ଗୁରୁତର ଆହତ ହୋଇ ଥିଲେ। ଖବର ପାଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ।

## ବକ୍ରେଶ୍ୱର ପୀଠରେ ବିଶ୍ୱଶାନ୍ତି ଯଜ୍ଞ

ଖଇରା, ୧୮।୨ (ସମିସ): ମାନବ ସମ୍ବଳ ବିକାଶ ଓ ସଂସ୍କୃତି ବିଭାଗ ରାଜ୍ୟ ସମ୍ପାଦକ ଶଶି କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ବ୍ଲକ ମାଖନପୁର ପଞ୍ଚାୟତର ପ୍ରସିଦ୍ଧ ଶୈବ କ୍ଷେତ୍ର ବକ୍ରେଶ୍ୱର ପୀଠରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ମିଶ୍ର ପୂଜାର୍ଚ୍ଚନା କରିଥିବାବେଳେ ମଧୁସୂଦନ ମିଶ୍ର, ସୁରେନ୍ଦ୍ର ମିଶ୍ର, ଭାବଗ୍ରାହୀ ପାଢ଼ୀ, ଗଙ୍ଗାଧର ତ୍ରୀପାଠୀ, ଦୟାନିଧି ପତ୍ରୀ, ଦେବଦତ୍ତ ଶତପଥି, ଅନାମନନ୍ଦ ଦାଶଙ୍କ ସମେତ ୨୫ଜଣ ପଣ୍ଡିତ ଓ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞକର୍ମ ସମ୍ପର୍ଣ୍ଣ ହୋଇଥିଲା।

## ଏଭିଏମ୍ ସ୍କୁଲର ବାର୍ଷିକୋତ୍ସବ




ଖଇରା, ୧୮।୨ (ସମିସ): ଖଇରାସ୍ଥିତ ଏଭିଏମ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକୋତ୍ସବ ଅଧକ୍ଷ ସୁକାନ୍ତ କୁମାର ଗାହାଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟଅତିଥି, ଇଂରାଜୀ ପ୍ରାଧାପିକା ଡ. ସୁକାନ୍ତି ମହାପାତ୍ର ମୁଖ୍ୟବକ୍ତା, ସିଆରସିସି ଲକ୍ଷ୍ମଣ ସେନ, ବସନ୍ତ ନାୟକ, ଚିତ୍ତରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ଲକ୍ଷ୍ୟ ପୂରଣ ପାଇଁ ମା'ବାପାଙ୍କୁ ଭକ୍ତି ଓ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି କହିଥିଲେ। ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ତଥା ଶିକ୍ଷୟିତ୍ରୀ ରଶ୍ମିରେଖା ରାଉତ, ଆଲ୍‌ରାଣି ଦାସ, ଜ୍ୟୋତିଶ୍ରୀ ନନ୍ଦ, ଶ୍ରୀଲିପ୍ସା ପଣ୍ଡା, ଅନୁସୂୟା ପଣ୍ଡା, ସାଇପ୍ରିୟା ସେଠୀ, ଜ୍ୟୋତିପ୍ରଭା ମହାନ୍ତି, ମମତାରାଣୀ ନାୟକ, ଶତାମ୍ବରୀ ପରିଡ଼ା, ଶିକ୍ଷକ ତପନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଅକ୍ସଫୋର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲିଆପାଳ, ୧୮।୨(ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ପାରୁଳିଆ ଛକ ନିକଟରେ ଥିବା ଅକ୍ସଫୋର୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ସନ୍ତୋଷ ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ଅଶୋକ ଗିରି ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାର ସହିତ ଅଧୟନ କରି ଭଲ ମଣିଷ ହେବାକୁ ଧାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ବଡ଼ାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ କିଙ୍କର ଆଚାଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ରହିଥିବା ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ଗିରି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ପରେ ବିଦ୍ୟାଳୟର ବାର୍ଷିକ କ୍ରୀଡାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ନିର୍ଦ୍ଦେଶକ ସାଗର ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଆୟୁସ୍ମିତା ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ପାତ୍ର, ଅଳକାନନ୍ଦା ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ମହାନ୍ତି, ଆରତୀ ସାହୁ, ସ୍ନେହଲତା ଜେନା, ଶିକ୍ଷକ ଦୀପକ ଦାସ, ରାଜେଶ ଖଣ୍ଡା, ଜଗଦୀଶ ଦାସ, ଦିଗମ୍ବର ରଣା, ମାନସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ। ଶିକ୍ଷକ ରାଜେଶ ରଣା ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




ରାଜଘାଟ, ୧୮।୨ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠିତ ଉତ୍ସବରେ ଡ. ହୃଷିକେଶ ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲା କୁସୁମିର ଅତିରିକ୍ତ ତହସିଲଦାର ମନୋଜ କୁମାର ସାହୁ, ମୁଖ୍ୟବକ୍ତା ଭାବରେ ଶିକ୍ଷକ ସଂଘ ନେତା ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବରେ ଡ଼. ଅରୂପ ଅଭିଷେକ, ସନ୍ତୋଷପୁର ସରପଞ୍ଚ ସଂଗ୍ରାମ ଦାସମହାପାତ୍ର, ବିଦ୍ୟାଳୟର ପ୍ରଧାନ ଆଚାର୍ଯା ମିନାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଗୁରୁଜୀ ସଞ୍ଜିତ କୁମାର ପାତ୍ର। ବିଭିନ୍ନ ପ୍ରତି ଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁଜୀ, ଗୁରୁମା ଏବଂ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ। କୁନି କୁନି ପିଲାମାନଙ୍କ ଦ୍ୱାରା ସାଂକୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଗୁରୁଜୀ କମଳାକାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

**● ମାଟ୍ରିକ ପରୀକ୍ଷା**

## ୧୬ କେନ୍ଦ୍ରରେ ପରୀକ୍ଷା ଦେବେ ୨୧୩୫ ପରୀକ୍ଷାର୍ଥୀ

ବସ୍ତା ବ୍ଲକ, ୧୮।୨ (ସମିସ) : ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷା -୨୦୨୪ ଆସନ୍ତା ୨୦ରୁ ଆରମ୍ଭ ହେବ। ଏଥିପାଇଁ ଶିକ୍ଷା ବିଭାଗର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ୧୬ଟି କେନ୍ଦ୍ରରେ ୨୧୩୫ ପରୀକ୍ଷାର୍ଥୀ ବୋର୍ଡ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଭଗବାନ ଚନ୍ଦ୍ର ହାଇସ୍କୁଲ, କଇନଗିରିରେ ୧୧୧ ଜଣ, ଜାମଶୁଳି ନୋଡାଲ ହାଇସ୍କୁଲରେ ୨୦୭ ଜଣ ଓ ମଧମାରେ ୬ ଜଣ, ବି ଜେ ପି ନୋଡାଲ ହାଇସ୍କୁଲ, ତାଡଦା ରେ ୧୫୫ ଜଣ, ଲକ୍ଷ୍ମୀ ନାରାୟଣ ନୋଡାଲ ହାଇସ୍କୁଲ ଦରଡ଼ା ରେ ୧୪୯ ଜଣ, ଏମ ୟୁ ବି ନୋଡାଲ ହାଇସ୍କୁଲ, ବେଲି ରେ ୧୭୨ ଜଣ, ଆର କେ ନୋଡାଲ ହାଇସ୍କୁଲ ଭେଲରା ରେ ୧୭୬ ଜଣ, ରାଧାନାଥ ନୋଡାଲ ହାଇସ୍କୁଲ ପାଉଁଶ କୁଲି ରେ ୨୦୧ ଜଣ, ରାଇମଣି ନୋଡାଲ ହାଇସ୍କୁଲ କୁଠିଆ ରେ ୯୧ ଜଣ ଓ ମଧମା ରେ ୫୧ ଜଣ, ଶମ୍ଭୁନାଥ ହାଇସ୍କୁଲ ବସ୍ତା ରେ ୧୪୧ ଜଣ, ସିଦ୍ଧେଶ୍ୱର ନୋଡାଲ ହାଇସ୍କୁଲ ଅମର୍ଦ୍ଦା ରୋଡ ରେ ୧୦୦ ଜଣ, ଆର କେ ହାଇସ୍କୁଲ୍ ବାହାର୍ଦ୍ଦାରେ ୧୭୦ ଜଣ, ବସ୍ତା ଗାର୍ଲ୍ସ ହାଇସ୍କୁଲରେ ୧୪୦ ଜଣ, ବନବିହାରୀ ଲାଲ ନୋଡାଲ ହାଇସ୍କୁଲ ଗୁଡ଼ିଖାଲରେ ୧୩୩ ଜଣ, ଓ ହାଟୁ ଚରଣ ନୋଡାଲ ହାଇସ୍କୁଲ, ଧିତପୁରାରେ ୧୮୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବ। ବୋର୍ଡ଼ ପରୀକ୍ଷା ରେ ସ୍ୱଚ୍ଛତା ଓ କପି ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି ଜିଲ୍ଲା ଶିକ୍ଷା ବିଭାଗ। ସବୁ ସେଣ୍ଟରରେ ସି ସି କ୍ୟାମେରା ଲାଗିଥିବା ବେଳେ ସମସ୍ତ ସେଣ୍ଟର ପାଇଁ ଜଣେ ଜଣେ ପରୀକ୍ଷା ନୀରିକ୍ଷକ ରହିବେ। ପ୍ରଶ୍ନପତ୍ର ଖୋଲିବା ଠାରୁ ଖାତା ସିଲ୍ ପର୍ଯ୍ୟନ୍ତ ଏହି ନୀରିକ୍ଷଙ୍କ ଉପସ୍ଥିତିରେ ହେବ ବୋଲି କୁହାଯାଇଛି। ବସ୍ତାସ୍ଥିତ ଶମ୍ଭୁନାଥ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ଭୋଗରାଇ, ୧୮।୨ (ସମିସ) : ଭୋଗରାଇ ବ୍ଲକର ନାଫରାଇ ସ୍ଥିତ ଚନ୍ଦନେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶିକ୍ଷା ବିକାଶ ସମିତି ପକ୍ଷରୁ ଚନ୍ଦନେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ତମ ବାର୍ଷିକ ଉତ୍ସବରେ ବିଦ୍ୟା ମନ୍ଦିରର ପରିଚାଳନା କମିଟି ସଭାପତି ତଥା ଗୋଛିଦାଡେଘରି ପଞ୍ଚାୟତ ସମିତି ସଭ୍ୟ ରାଧାଶ୍ୟାମ ଦେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଯୋଗ ଦେଇ ଛାତ୍ରଛାତ୍ରୀ ଚରିତ୍ରବାନ ଓ ସଂସ୍କାରୀ ହେବା ସହିତ ଆଦର୍ଶବାନ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ଶିକ୍ଷା ବିକାଶ ସମିତିର ସମ୍ପାଦକ ରଶ୍ମିରଞ୍ଜନ ଦାସ ଯୋଗଦେଇ ସାଧନା ଦ୍ୱାରା ଛାତ୍ରଛାତ୍ରୀ ମାନେ ସିଦ୍ଧି ପାଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ଚନ୍ଦନ ଗିରି, ବିଶିଷ୍ଟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଜିତାରାମ ଦେ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟା ମନ୍ଦିରର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ସୁରେଶ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା ତୃପ୍ତି ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ପ୍ରଦୀପ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

## ଜଳେଶ୍ୱର ମହୋତ୍ସବ ଲାଗି ଅନୁଦାନ ବୃଦ୍ଧି ଆଶା

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୮।୨ (ସମିସ) : ଜଳେଶ୍ୱର ଅଞ୍ଚଳର ଗର୍ବ ଗୌରବ ଜଳେଶ୍ୱର ମହୋତ୍ସବ ଦୀର୍ଘ ଦିନ ଧରି ଅନୁଷ୍ଠିତ ହୋଇ ଆସୁଛି। ସମସ୍ତଙ୍କ ଅବଦାନ ଓ ସହଯୋଗ ବଳରେ ଏହି ମହୋତ୍ସବ ହେଉଥିବା ବେଳେ ଗତ ବର୍ଷ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ତାଙ୍କ ବିଭାଗ ପକ୍ଷରୁ ୨ ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିଥିଲେ। ଚଳିତ ବର୍ଷ ମହୋତ୍ସବରେ ମନ୍ତ୍ରୀ ଶ୍ରୀ ପାତ୍ର ଅନୁଦାନ ରାଶି ବୃଦ୍ଧି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୨ ବର୍ଷର ରାଇବଣିଆ ଲୋକ ମହୋତ୍ସବକୁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା ପରେ ଜଳେଶ୍ୱର ମହୋତ୍ସବ କମିଟି ଏବଂ ଅଞ୍ଚଳବାସୀ ଅଧିକ ଅର୍ଥ ରାଶି ସହାୟତା ଆଶା କରିଛନ୍ତି। ଏହା ସହିତ ମହୋତ୍ସବ ସଫଳ ସମାପନ ହେତୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସହାୟତା ପ୍ରଦାନ କରିଥିବା ବ୍ୟକ୍ତିବିଶେଷ, ସାମ୍ବାଦିକ ଓ ଅଞ୍ଚଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟି ସଭାପତି ଡ. ଅଜିତ ମହାନ୍ତି ପରିଚାଳନା କରିଥିବା ବେଳେ ସତ୍ୟ ସୁନ୍ଦର ଦିସ, ଦିଲ୍ଲୀପ ଗିରି, ଗୋବିନ୍ଦ ଚନ୍ଦ୍ର ସାହୁ, ସୁଶାନ୍ତ ଦାସ, ନବେନ୍ଦୁ ପ୍ରଧାନ ଓ ବଳରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମହାଯଜ୍ଞ ଓ ଶନିଦେବଙ୍କ ପୂଜା

ଖନ୍ତାପଡ଼ା, ୧୮।୨(ସମିସ): ଖନ୍ତାପଡ଼ା ବଜାରରେ ଥିବା ମାଷ୍ଟ୍ରେ ମେଡ଼ିସିନ କମ୍ପ୍ଲେକ୍ସରେ ବାବା ଶନିଦେବଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୫ବର୍ଷ ଧରି ଏହି କମ୍ପ୍ଲେକ୍ସରେ ହୋମଯଜ୍ଞ, ନାମ, ସଂକୀର୍ତ୍ତନ କରାଯାଇ ଦୋକାନ ଭାଇ ମାନଙ୍କ ଶୁଭ ମନାସି ଏହି ପୂଜାର୍ଚ୍ଚନା କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଶାନ୍ତନୁ ବେହେରା, ଶରତ ରଣା, କାହ୍ନୁ ଚରଣ ସାହୁ, ଜିତେନ୍ଦ୍ର ମହାନ୍ତି, ଗଣେଶ ପରିଡ଼ା, ଏସ୍‌କେ ହମିଦୁଲା, ରତ୍ନାକର ଦାସ, ଚନ୍ଦନ ସେଠୀ, ମଧୁସୂଦନ ବାରିକ, ସୁଜିତ ମହାପାତ୍ର, ବାପୁ ମହାନ୍ତି, ନବ ମହାପାତ୍ର, ସୁସ୍ମିତା ପୃଷ୍ଟି, ହୈମାବତି ପ୍ରଧାନ ଆଦି ଏହି ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

ଚନ୍ଦନେଶ୍ୱର, ୧୮।୨(ସମିସ):




ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତର ଚନ୍ଦନେଶ୍ୱର ନିମ୍ନ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ, ଶଙ୍ଖାରୀ ସେବା ସମବାୟ ସମିତିର ସଭାପତି ତଥା ସରପଞ୍ଚ ସୁଷମା ପଣ୍ଡାଙ୍କ ପ୍ରତିନିଧି ତପନ କୁମାର ପଣ୍ଡା ଆୟୋଜିତ ସଚେତନତା ସଭାରେ ପୌରୋହିତ୍ୟ କରିଥିଲେ। ଭୋଗରାଇ ବ୍ଲକ ଅଧକ୍ଷ ପ୍ରବିର କୁମାର ଗିରି ଯୋଗଦେଇ ସରକାରଙ୍କ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ମୁଖ୍ୟମନ୍ତ୍ରୀ ଲୋକଙ୍କ ହିତରେ କାର୍ଯ୍ୟ କରୁଥିବା ବେଳେ ଏହାର ସୁବିଧା ନେବାକୁ କହି ଏହି ପଞ୍ଚାୟତର ଉନ୍ନତି ପାଇଁ ଏକ କାଳିନ ୫୦ ଲକ୍ଷ ଅନୁଦାନ ଦେବା, ୧୧ ଶହ ୪୬ ପରିବାରଙ୍କୁ କାଳିଆ ଯୋଜନାରେ ଅର୍ଥ ପ୍ରଦାନ, ୬୧୨ ଜଣଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା, ମିଶନ ଶକ୍ତି ମା ମାନଙ୍କୁ ୩କୋଟି ୭୮ ଲକ୍ଷ ଟଙ୍କାର ଋଣ ପ୍ରଦାନ ଏବଂ ୧୪୧ ଗର୍ଭବତୀଙ୍କୁ ମମତା ଯୋଜନାରେ ସୁବିଧା ସୁଯୋଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ ୨୭୪୨ ପରିବାର ମଧ୍ୟରୁ ୯୫ ହିତାଧିକାରୀ ଉପକୃତ। ଭୋଳାନାଥ ବିଦ୍ୟାପୀଠ ବାଡଶରିଷା ୫-ଟିରେ ରୂପାନ୍ତର, ପାନୀୟଜଳ ପ୍ରକଳ୍ପ, ଗୋଷ୍ଠୀ ଉନ୍ନୟନ କେନ୍ଦ୍ର, ମିଶନ ଶକ୍ତି ଗୃହ, ଚନ୍ଦନେଶ୍ୱର ଶୈବପୀଠର ବିକାଶ ପାଇଁ ଅନୁଦାନ ନେଇ ସେ ମତ ପ୍ରକାଶ କରିଥିଲେ। ସଭାରେ ବ୍ଲକ ଅଧକ୍ଷା ମୀନାରାଣୀ ସାସମଲ, ୩୫ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଗଣପତି ଗିରି, ନାଏବ ସରପଞ୍ଚ ବିଭୁତି ପ୍ରଧାନ, ସାମ୍ବାଦିକ ସୁବାସ ଦାସ, ଚନ୍ଦନେଶ୍ୱର ଶୈବପୀଠର ଉପମୈରସୀ ବୁଦ୍ଧଦେବ ପଣ୍ଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭୋଗରାଇର ଗର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ ପ୍ରଧାନ ଶିକ୍ଷକ ଗୈରଗୋପାଳ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆର୍‌ପି, ଗଣମାଧମର ପ୍ରତିନିଧି ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକା ଆଜି ଉପସ୍ଥିତ ଥିଲେ।

# ରେଳ ଧାରଣାରେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

**ଯୋଡା, ୧୮।୨(ସମିସ):** ବାମେବାରି ଥାନା ଅନ୍ତର୍ଗତ ଜୁରୁଡ଼ି ରେଳ ସାଇ ଡିଙ୍ଗ ନିକଟସ୍ଥ ଆପାହାତୁ ରେଳ ଲାଇନରେ ଉଲଗ୍ନ ଅବସ୍ଥାରେ ଜଣେ ଯୁବକଙ୍କ ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଖବର ନେବାରୁ ଜଣାପଡ଼ିଛି ଯେ, ରବିବାର ଅପରାହ୍ନ ପ୍ରାୟ ୪ଟା ବେଳେ ଆଇଟିସି ଅଞ୍ଚଳର ପିଣ୍ଟୁ ନାଏକ (୧୮) ଙ୍କ ମୃତ ଦେହ ରେଳ ଧାରଣା ରେ ମୁଣ୍ଡ ଓ ଦେହ ଅଲଗା ହୋଇ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଯୁବକର ଦେହଟି ସମ୍ପୂର୍ଣ ଉଲଗ୍ନ ହୋଇ ରହିଥିବା ବେଳେ ପିଠି ପାର୍ଶ୍ୱରେ କିଛି କ୍ଷତ ଚିହ୍ନ ଥିବାରୁ ଏହା ହତ୍ୟା ସନ୍ଦେହ କରାଯାଉଛି। କେହି ତାଙ୍କୁ ହତ୍ୟାପରେ ରେଳ ଧାରଣାରେ ଶୁଆଇଦେଇ ଚାଲିଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ବାମେବାରି ପୁଲିସ ଓ ରେଳବାଇ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଗ୍ରାମାଞ୍ଚଳ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

**ଆନନ୍ଦପୁର, ୧୮।୨(ସମିସ):** ସୁପର ମିଣ୍ଟନ ବ୍ୟାଡ଼ମିଣ୍ଟନ କ୍ଲବ ଆନୁକୂଲ୍ୟରେ ଜୁନିଅର ଓ ସିନିୟର ପିଲାମାନଙ୍କ ମଧ୍ୟରେ ବ୍ୟାଡ଼ମିଣ୍ଟନ ଖେଳର ସୁପ୍ରସାର ନିମନ୍ତେ ୩ ଦିନ ଧରି ଖେଳ ପ୍ରତିଯୋଗିତା ହୋଇ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜୁନିଅର ବିଭାଗରେ ସୁଧାଂଶୁ ପାଣିଗ୍ରାହୀ ଏବଂ ଅଙ୍କିତ ପାତ୍ର ରନର୍ସଅପ ହୋଇଥିବା ସ୍ଥଳେ ସୁଜଳ ରାଉତ ଏବଂ ପ୍ରତ୍ୟୁଷ ସାହୁ ଚାମ୍ପିଅନ ହୋଇଥିଲେ ଜୁନିୟର ବିଭାଗରେ ହିମାଂଶୁ ପାଣିଗ୍ରାହୀ, ନିଶିକାନ୍ତ ପାଣିଗ୍ରାହୀ, କାର୍ତ୍ତିକ ନାୟକ, ମାତୃପ୍ରସାଦ ସାମଲ ଯୋଗଦେଇଥିଲେ ସିନିୟର ବିଭାଗରେ ଦେବାଶିଷ ବିଶ୍ୱାଳ ଓ ବିଶ୍ୱରଞ୍ଜନ ରାଉତ ଚାମ୍ପିଅନ ହୋଇଥିବା ସ୍ଥଳେ କାଳନ୍ଦୀ ସାହୁ ଓ ଗୋପବନ୍ଧୁ ପାଣିଗ୍ରାହୀ ରନର୍ସଅପ ହୋଇଥିଲେ ମନୋରଞ୍ଜନ ପତି, ଅମେରନ୍ଦ୍ର ବିଶ୍ୱାଳ, ବ୍ରଜବନ୍ଧୁ ପାଣିଗ୍ରାହୀ, କାଳନ୍ଦୀ ଚରଣ ସାହୁ, ଲକ୍ଷ୍ମନ ବାରିକ, ଯଶୋବନ୍ତ ନାୟକ, ହୃଦାନନ୍ଦ ଦାସ, ରାଧେଶ୍ୟମ ବାରିକ, ଧୀରେନ୍ଦ୍ର ପାତ୍ର ଯୋଗଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ବାବୁ ଭୂୟାଁ ଉଭୟ ଜୁନିଅର ଏବଂ ସିନିୟର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ବିନ୍ଦୁଭୂଷଣ ମହାନ୍ତି, ସୁରେଶ ଭୂୟାଁ, ଦେବାଶିଷ ରାଉତ ଖେଳ ସୁପରିଚାଳନା କରିଥିଲେ।

## ଆଦି ଫେଷ୍ଟର ୨ୟ ଦିନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

# ଅନ୍ତରାଙ୍କ ଗୀତ ଓ ଶୈଳେନ୍ଦ୍ରଙ୍କ ନୃତ୍ୟରେ ଝୁମିଲେ ଦର୍ଶକ

କେନ୍ଦୁଝର, ୧୮।୨(ସମିସ)



ଆଦିବାସୀ କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କେନ୍ଦୁଝରରେ ଚାଲିଥିବା ଆଦି ଫେଷ୍ଟର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ସମ୍ମାନିତ ଅତିଥି ଭାବେ ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ସ୍ୱତନ୍ତ୍ର ଅତିଥି ଭାବେ ପାଟଣାର ବିଧାୟକ ଜଗନ୍ନାଥ ନାୟକ ଓ ଅନ୍ୟତମ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କେନ୍ଦୁଝରର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି, ଚମ୍ପୁଆ ପ୍ରକଳ୍ପ ପ୍ରଶାସକ ଜୟଶ୍ରୀ ମଲ୍ଲିକ ଯୋଗ ଦେଇଥିଲେ। ପରିଷଦ ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ଓ ରାଜ୍ୟ ସରକାରଙ୍କ ଏଭଳି ପ୍ରୟାସ ଯୋଗୁଁ ଆଦିବାସୀ ମାନେ ନିଜ ସଂସ୍କୃତି ଓ ନୃତ୍ୟ ପରିବେଷଣ କରିବାର ସୁଯୋଗ ପାଇଲେ ବୋଲି କହିଥିଲେ। ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ଲାଗୁ କରିଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ପାଟଣା ବିଧାୟକ ଶ୍ରୀ ନାଏକ କହିଥିଲେ। ବିଭିନ୍ନ ଆଦିବାସୀ ସମ୍ପ୍ରଦାୟଙ୍କୁ ରାଜ୍ୟ ସରକାର ପ୍ରଦାନ କରିଥିବା ଜଙ୍ଗଲ ଜମି ଅଧିକାର ବିଷୟରେ ସାଂସଦ ସୁଶ୍ରୀ ମୁର୍ମୁ ଆଲୋକପାତ୍ କରିଥିଲେ। ସର୍ବଶେଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ କହିଥିଲେ ଲକ୍ଷେରୁ ଉର୍ଦ୍ଧ୍ୱ ଆଦିବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅହରହ ଚିନ୍ତା କରନ୍ତି ଓ '୫-ଟି' ଜରିଆରେ ବିଭିନ୍ନ ଆଦିବାସୀ ବିଦ୍ୟାଳୟ ରୂପାନ୍ତରଣ ହେଉଛି। ଆଦିବାସୀଙ୍କ ଶାଳ ଘର, କମ୍ୟୁନିଟି ହଲ ଗୁଡ଼ିକର ରକ୍ଷଣାବେକ୍ଷଣ ମଧ୍ୟ କରାଯାଉଛି। ପରେ ଚମ୍ପୁଆର ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ସମାପ୍ତ ହେବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅନ୍ତରା ଚକ୍ରବର୍ତ୍ତୀ ଓ ତାଙ୍କ ଟ୍ରୁପ୍ କଣ୍ଠରେ ମତୁଆଲା ହୋଇଥିଲେ ଦର୍ଶକ। ପରେ ସିନେ ତାରକା ଶୈଳେନ୍ଦ୍ର ସାମନ୍ତରାୟ ମଞ୍ଚରେ ଚିତ୍ତାକର୍ଷକ ନୃତ୍ୟ କରିଥିଲେ। ଯୁବବର୍ଗଙ୍କ ମଧ୍ୟରେ ଶ୍ରୀ ସାମନ୍ତରାୟଙ୍କ ସହ ଫଟୋ ନେବା ପାଇଁ ବ୍ୟଗ୍ରତା ଥିବା ପରିଲକ୍ଷିତ ହୋଇଥିଲା। ପରେ ନନସେନ୍ସ ମଣିଙ୍କ ସମସ୍ତଙ୍କୁ ହସେଇ ହସେଇ ବେଦମ୍ କରିଥିଲେ। ଆସନ୍ତାକାଲି ଆଦି ଫେଷ୍ଟ ତରଫରୁ ସକାଳ ୮ଟାରେ ଆଦିମାରାଥନ୍ ଆୟୋଜନ କରାଯାଉଛି। ଏହି ଗଣଦୌଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇ ବଳଦେବଜୀଉ ମନ୍ଦିରଠାରେ ସମାପ୍ତ ହେବ। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବା ସହ ଆର୍ଥିକ ରାଶି ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# କେଶଦୁରାପାଳ-ଧକୋଠା ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

**ରାମଚନ୍ଦ୍ରପୁର, ୧୮।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ଓ ଦେଓଗାଁ ଗଉଡବାହାଳୀ ଠାରେ ଆଜି ଦୁଇଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଘସିପୁରା ବିଧାୟକଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ବହୁ ପ୍ରତିକ୍ଷୀତ କେଶଦୁରାପାଳ ଠାରୁ



ଧକୋଠା ଯାଏଁ ୭ଟି ପଞ୍ଚାୟତର ଲୋକଙ୍କୁ ବିକାଶ ପଥରେ ସଂଯୋଗ କରୁଥିବା ଦୀର୍ଘ ୨୩ କିଲୋମିଟର ରାସ୍ତା ଏବଂ ଦେଓଗାଁକୁ ସଂଯୋଗ କରୁଥିବା ଗଣ୍ଡାନାଳ ସେତୁର ସମ୍ପ୍ରସାରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ଓ ପୋଲ ନିର୍ମାଣ ପାଇଁ ୧୯ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ତୁରନ୍ତ ଏହି କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଧାୟକ ଆଶାବ୍ୟକ୍ତ କରିଛନ୍ତି। ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ସମେତ ଦେଓଗାଁ ସରପଞ୍ଚ ସତ୍ୟରଞ୍ଜନ ଭୂୟାଁ, କେଶଦୁରାପାଳ ସରପଞ୍ଚ ମାନସୀ ମହାରଣା, ଜିଲ୍ଲାପରିଷଦ ସଭ୍ୟ ମଧୁସ୍ମୀତା ଦାସ, ପୂର୍ବତନ ସରପଞ୍ଚ ପରେଶ କୁଅଁର, ସହ ଠିକାଦାର ଏବଂ ପୂର୍ତ୍ତ ବିଭାଗ ଅଧିକାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହିଥିଲେ।

# ମୁରୁସୁଆଁ ପଞ୍ଚାୟତରେ ସଚେତନତା ଶିବିର

**ତୁରୁମୁଙ୍ଗା, ୧୮।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ପଞ୍ଚାୟତରେ ରବିବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ରୋଜଗାର ସେବକଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ହରିଶଙ୍କର ଦେହୁରୀ, ସମିତି ସଭ୍ୟ ସୁଶୀଳ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ସୌଭାଗ୍ୟ ମଞ୍ଜରୀ ନାଏକ, ବରିଷ୍ଠ ସାମ୍ବାଦିକ ନୃସିଂହନାଥ ସିଂହ, ଯନ୍ତ୍ରୀ



ମନୋଜ ପଣ୍ଡା ଓଡ଼ିଶା କୁଡୁମୀ ସେନାର ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ପାତ୍ର, ବିଏସ୍‌ଏସ୍‌ଓ ଅଭୟ ଚରଣ ଦେହୁରୀ, ଗ୍ରାମ୍ୟ କୃଷି ଅଧିଦର୍ଶକ ଦୁର୍ଗାଚରଣ ତ୍ରିପାଠୀ, ଏମ୍‌ବିକେ ଗୀତାଞ୍ଜଳି ସାହୁ, ଶଶୀରେଖା ନାଏକ, କେତକୀ ମହାନ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସରକାରୀ ଯୋଜନା ଗୁଡିକୁ ଅବଗତ କରାଯାଇଥିଲା।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ

**ହାଟଡ଼ିହୀ/ସୋସୋ, ୧୮।୨(ସମିସ):** 'ଆମ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ ଆଜି ହାଟଡ଼ିହୀ ବ୍ଲକର ବାଙ୍ଗୋର, କଳିଗାଁ, ସୁଲଣ ଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମସ୍ତ କାର୍ଯ୍ୟକ୍ରମରେ ବିଧାୟକ ଭାଗୀରଥି ସେଠୀ, କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ଯୋଜନା ଗୁଡ଼ିକ ଉପସ୍ଥିତ ଲୋକମାନଙ୍କୁ ଅବଗତ କରିବା ସହ କୁନି କୁନି ବାଳିକାମାନଙ୍କର ନୃତ୍ୟ ପରିବେଷଣ ସଭାଟିକୁ ଉତ୍ସବ ମୁଖର କରିଥିଲା।

କଳିଗାଁ ପଞ୍ଚାୟତରେ ସରପଞ୍ଚ




ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ ଓ ବିଜେଡି ନେତା ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ନବୀନ ଓଡ଼ିଶାର ପ୍ରଗତି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାକାଷ୍ଠା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ବାଙ୍ଗୋର ପଞ୍ଚାୟତର ସରପଞ୍ଚ ଅଙ୍କିତା ପଡ଼ିଆରୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତର ପିଇଓ ସୁରେଶ ଚନ୍ଦ୍ର ସେଠୀ, ଜିଆରଏସ୍ ଅଜୟ କୁମାର ଦାସ, ସମିତିସଭ୍ୟା ମନୋରମା ପଣ୍ଡା, ନାଏବ ସରପଞ୍ଚ ନନ୍ଦକିଶୋର ସାହୁ, ପୂର୍ବତନ ସରପଞ୍ଚ ବସନ୍ତ ପଡ଼ିଆରୀ, ଭୀମସେନ ପାତ୍ର, ଯୋଗେନ୍ଦ୍ର ସାହୁ, ରଘୁନାଥ ପରିଡ଼ା, ସୁବୋଧ ପଣ୍ଡା, ମହେଶ ବାରିକ୍, ବଟକୃଷ୍ଣ ବେହେରା ପ୍ରମୁଖଙ୍କ ସହ ମିଶନ ଶକ୍ତି ମହିଳା ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସାଂସ୍କୃତିକ ହେମଲତା ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଇଓ ଅମୂଲ୍ୟ କୁମାର ପହି, ମଣିକର କିସ୍କୁ, ଜିଆରଏସ୍ ମାନସ ଲେଙ୍କା, ନାଏବ ସରପଞ୍ଚ ସୁଧାକର ଦାସ, ପୂର୍ବତନ ସରପଞ୍ଚ ପିତବାସ ଜେନା ଓ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କୃଷ୍ଣଚନ୍ଦ୍ର ପଣ୍ଡା, ନିରାକାର ଦାସ, ସୁରେଶ ସାହୁ, ଗୌରାଙ୍ଗ ମଲ୍ଲିକ, ଦାମୋଦର ଚଇନି, ବିଦ୍ୟାଧର ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ସୁଲଣ ସରପଞ୍ଚ ମନିଷାରାଣୀ ସାଙ୍କ ନେତୃତ୍ୱରେ କର୍ଯ୍ୟକ୍ରମରେ ପିଇଓ ମହେଶ୍ୱର ସାହୁ, ଜିଆରଏସ୍ ଗଣେଶ୍ୱର ସାହୁ, ସମିତିସଭ୍ୟା ଧୀରେନ୍ଦ୍ର ଜେନା ପ୍ରମୁଖଙ୍କ ସହ ମିଶନ ଶକ୍ତିର ମହିଳାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏଥିରେ ପାଲା ପରିବେଷଣ ହୋଇଥିଲା ବେଳେ କୁନି କୁନି ପିଲାମାନଙ୍କ ନାଚଗୀତ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଜାଦବସ୍ତି ଯୁଥ କ୍ଲବ୍‌ର ୫ମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଅସ୍ମିତ୍ ଏଣ୍ଡ ଆୟାଂଶ ଦଳକୁ ହରାଇ ଚାତାର ଏକାଦଶ ବିଜୟ

ଯୋଡ଼ା, ୧୮।୨(ସମିସ)




ଆଜାଦବସ୍ତି ଖେଳପଡ଼ିଆଠାରେ ତିନି ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟଟି ୧୬ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ଉଦଯାପିତ ହୋଇଥିଲା। ଏଥିରେ ପୌରାଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳର ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ସେହି ମଧ୍ୟରୁ ସୁମିତ୍ ଏକାଦଶ ସହ ଚାତାର ଏକାଦଶ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ପେନାଲଟି ସଟରେ ଚାତାର ଏକାଦଶ ବିଜୟ ହୋଇ ଫାଇନାଲକୁ ପ୍ରବେଶ କରିଥିଲା। ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅସ୍ମିତ୍ ଏଣ୍ଡ ଆୟାଂଶ ଦଳ ଓ ଡ୍ରାଇଭର ଷ୍ଟାର ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷ ସମୟ ସୁଦ୍ଧା କେହି କାହାକୁ ଗୋଲ ନ ଦେଇ ପାରିବାରୁ ପେନାଲଟି ସଟରେ ଅସ୍ମିତ୍ ଏଣ୍ଡ ଆୟାଂଶ ଦଳ ଫାଇନାଲକୁ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚଟି ଅସ୍ମିତ୍ ଏଣ୍ଡ ଆୟାଂଶ ଦଳ ଓ ଚାତାର ଏକାଦଶ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଅତ୍ୟନ୍ତ ରୋମାଞ୍ଚକପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ୧-୦ ଗୋଲରେ ବିଜୟୀ ହୋଇ ଚାତାର ଏକାଦଶ ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ବିଜେଡି ଜିଲ୍ଲା ଉପସଭାପତି କୁଶ ଆପଟ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଯୋଡା ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ଯୋଡା ଇଷ୍ଟ ମୁଖ୍ୟ ବ୍ରଜ ବିନୋଦ, ସମାଜସେବୀ ଦଶରଥ ବାରିକ, ବରିଷ୍ଠ ସାମ୍ବାଦିକ ଦୀପକ କୁମାର ଶତପଥୀ, ଯୋଡ଼ା ବ୍ଲକ କୃଷି ଅଧିକାରୀ ଦେବବ୍ରତ ମିଶ୍ର, ଟାଟାଷ୍ଟିଲ ସୁରକ୍ଷା ମ୍ୟାନେଜର ମଧୁସୁଦନ ଯାଦବ, ମଦନାରାଣୀ ମହାପାତ୍ର ପ୍ରମୁଖ ଅତିଥି ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବିଜୟ ଦଳ ଚାତାର ଏକାଦଶ ଦଳକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅପ ଦଳ ଅସ୍ମିତ୍ ଏଣ୍ଡ ଆୟାଂଶ ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି, ତୃତୀୟ ସ୍ଥାନ ଅର୍ଜନ କରିଥିବା ସୁମିତ ଏକାଦଶକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଡ୍ରାଇଭର ଷ୍ଟାର ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ। ସେହିପରି ବେଷ୍ଟ ଗୋଲକିପର ବିଶାଳ ଓରାମ, ବେଷ୍ଟ ଡିଫେଣ୍ଡର ବିମଲ୍ ବିରୁଆ, ବେଷ୍ଟ ସ୍କୋରର ରୁପେଶ ସୋରେନ ଓ ବେଷ୍ଟ ଖେଳାଳୀ ଭାବେ ଇଶକା ମୂର୍ମୁକୁ ପୁରସ୍କୃତ କରଯାଇଥିଲା। ତିନି ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟିକୁ କ୍ଷୀରୋଦ ଗିରି ଓ ରଜତ ତିରିଆ ଭାଷ୍ୟକାର ଭାବେ ଧାରା ବିବରଣୀ ପ୍ରଦାନ କରିଥିଲେ। ତେବେ ଉଦଯାପନୀ ମ୍ୟାଚ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିବା ଦେଖିବାକୁ ମିଳିଛି।

# ଝାଡେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ଆନନ୍ଦପୁର, ୧୮।୨(ସମିସ):** ଶ୍ରୀଶ୍ରୀ ଝାଡେଶ୍ୱର ମହେଶଙ୍କ ପୀଠରେ ୫୭ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ୯ ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବୈତରଣୀ ନଦୀରୁ ଶୁଭକଳସ ଅଣାଯାଇ ଅଧିବାସ ଓ କଳସରୋପଣ ପରେ ଅମୃତମଣି ପାଣିଗ୍ରାହୀ, ପ୍ରଭାତ କୁମାର ପଣ୍ଡା ଓ ଅନ୍ତର୍ଯ୍ୟାମୀ ଦାଶଙ୍କ ଦ୍ୱାରା ଶ୍ରୀରାମଚିତମାନସ ପାଠ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବଚକ ପଣ୍ଡିତ ପ୍ରମୋଦ ପଣ୍ଡା, ବିପିନି ବିହାରୀ ସାମଲ, ବାବାଜୀ ବିଜୟ ରାଘବେନ୍ଦ୍ର ମହାରାଜ ପ୍ରବଚନ ଦେଇଥିବା ବେଳେ ଦୁଇ ଦିନ ଧରି ଅହୋରାତ୍ର, ନାମଯଜ୍ଞ ଚାଲିଥିବା ଜଣାଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ଶତପଥୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାଗଟୀ ଭଗବାନ ପଢ଼ିହାରୀ, ରଘୁନାଥ ପାଢ଼ୀ, ବାବୁଲି ବେହେରା, ଭୀମସେନ ରାଉତ, ନାରାୟଣ ସାହୁ, ଚକ୍ରଧର ସାହୁ, ରଘୁନାଥ ସାହୁ, ଶ୍ରୀଧର ସାହୁ, ହଳଧର ସାହୁ, ସୁଦାମ ନାଇକ, ପିତାମ୍ବର ସା, ନିରଞ୍ଜନ ସାହୁ, ତୋଫାନ ସାହୁ, ସୌମିତ୍ର ସାହୁ, ସନ୍ଦୀପ ଜେନା, କ୍ଷେତ୍ରବାସୀ ସାହୁ, ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମହୁଲ ପୋଚ ଜବତ

**ପାଟଣା, ୧୮।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ବିପୁଳ ପରିମାଣ ର ମହୁଲି ପୋଚ ସହ ଦେଶୀ ମହୁଲି ଜବତ କରାଯାଇଛି। ପାଟଣା ଅବକାରୀ ଥାନା ଅଧିକାରୀ ପ୍ରିୟମ୍ବଦା ଓଝା ଙ୍କ ନେତୃତ୍ୱ ରେ ଗୋରାଣ୍ଡିଯୋଡି ଏବଂ ଖମଦେଇପଡ଼ା ଗ୍ରାମରେ ଅତର୍କିତ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ସହ ୩୮ ୯ ଲିଟର ମହୁଲି ଜବତ କରିବା ରେ ସଫଳ ହୋଇଛି। ଏହି ଚଢାଉରେ ଅବକାରୀ ବିଭାଗର ବେଣୁଧର ସାମଲ, ସୁନାରାମ୍ ଟୁଡୁ, ରାଜୀବ ଲୋଚନ ନାଏକ, ସୁରେଶ ଚନ୍ଦ୍ର ବେହେରା, ସଞ୍ଜିତ କୁମାର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।



